# A Brief Account of the Life and work of Saint Tukaram

Bibhuti Bhusan Mahapatra
mahabibhuti@yahoo.co.in

## ସନ୍ଥ ତୁକାରାମଙ୍କର ଜୀବନୀ ଓ କୃତି: ଏକ ସଂକ୍ଷିପ୍ତ ପରିଚୟ

॥୧॥

ତୁକାରାମଙ୍କ ଜନ୍ମ ୧୬୦୮ ଖ୍ରୀଷ୍ଟାବ୍ଦରେ। ୧୬୫୦ ଖ୍ରୀଷ୍ଟାବ୍ଦରେ ସେ ଅପ୍ରକଟ ହେଲେ। ପରବର୍ତ୍ତି କାଳରେ ତୁକାରାମଙ୍କ ବିଷୟରେ ଯାହା କିଛି ଲୋକମାନେ ଜାଣନ୍ତି ତାହା ତାଙ୍କ ନିଜ ବାବଦରେ ସୂଚାଉଥିବା ନିଜ କବିତାମାନଙ୍କ ସୂତ୍ରରୁ। ତାଙ୍କ ସମସାମୟିକ ନାରୀକବି ବହିଣାବାଈଙ୍କ କବିତାରୁ ମଧ୍ୟ ତାଙ୍କ ବିଷୟରେ ସୂଚନା ମିଳେ। ପରବର୍ତ୍ତି କାଳରେ ମହିପତି ତାଙ୍କର *ଭକ୍ତବିଜୟ* (୧୭୬୨) ଓ *ଭକ୍ତଲୀଳାମୃତ* (୧୭୭୪) ପୁସ୍ତକରେ ମାରାଠୀ ସନ୍ଥକବି ମାନଙ୍କ ଜୀବନୀ ବିଷୟରେ ଲେଖିଛନ୍ତି। ମହିପତିଙ୍କ ଲେଖାରୁ ମଧ୍ୟ ତୁକାରାମଙ୍କ ବିଷୟରେ ଅନେକ ସୂଚନା ମିଳେ। ବାକି ଯାହା ତୁକାରାମଙ୍କ ବିଷୟରେ କୁହାଯାଏ ତାହା କେବଳ ଲୋକକଥା ଏବଂ କିମ୍ବଦନ୍ତୀ ମୂଳକ। ତେବେ, ଲୋକକଥା ଏବଂ କିମ୍ବଦନ୍ତୀ ସମ୍ପୂର୍ଣ୍ଣ ଅମୂଳକ ବୋଲି କହି ହେବନି। ଆଧୁନିକ ଯୁଗରେ ଶ୍ରୀ ହ୍ୱି. ଏସ୍, ବେନ୍ଦ୍ରେ ବହୁ କଷ୍ଟ କରି ଭିନ୍ନ ଭିନ୍ନ ସୂତ୍ରରୁ ମିଳୁଥିବା ସୂଚନାକୁ ଏକତ୍ର କରି ତୁକାରାମଙ୍କ ବିଷୟରେ ଏକ ଗବେଷଣା ମୂଳକ ଜୀବନୀ ପ୍ରସ୍ତୁତ କରିଛନ୍ତି। ଏହା ଅନେକ ଉପାଦେୟ ତଥ୍ୟ ସମ୍ବଳିତ। ଶ୍ରୀ ଦିଲୀପ ଚିତ୍ରେ *Says Tuka (ତୁକା/ କହେ)* ପୁସ୍ତକର ଅବତରଣିକାରେ ତୁକାରାମଙ୍କ ଜୀବନୀ ଓ ରଚନା ଉପରେ ମଧ୍ୟ ତାଙ୍କର ବିସ୍ତୃତ ଦୃଷ୍ଟିଭଙ୍ଗି ବ୍ୟକ୍ତ କରିଛନ୍ତି। ଏପରି ଅନେକ ଲେଖା ସତ୍ତ୍ୱେ, ତୁକାରାମଙ୍କ ଜୀବନୀ ଓ ରଚନା ବାବାଦରେ ଅନେକ ଘଟଣା ଅସ୍ପଷ୍ଟ ଓ ଆନୁମାନିକ।

ସୌଭାଗ୍ୟର ବିଷୟ ଯେ ତୁକାରାମ ତାଙ୍କ ଜୀବନର ଅନେକ ଗୁରୁତ୍ୱପୂର୍ଣ୍ଣ ଘଟଣାବଳୀ ତାଙ୍କ ନିଜ କବିତାରେ ଉଲ୍ଲେଖ କରିଛନ୍ତି। ତୁକାରାମଙ୍କ ଜୀବନୀ ବାବଦରେ ଯାହା ତଥ୍ୟ ମିଳେ ତାକୁ କ୍ରମରେ ସଜାଡ଼ି କହିଲେ ତାହା ଏହିପରି:

ତୁକାରାମଙ୍କ ଜନ୍ମ ୧୬୦୮ ଖ୍ରୀଷ୍ଟାବ୍ଦରେ ପୁଣେ (ପୂନା/ପୂଣ୍ୟ) ନଗରୀ ନିକଟସ୍ଥ ଦେହୁ ଗାଆଁରେ। ସେ ଥିଲେ ତାଙ୍କ ବାପ-ମାଙ୍କର ଦ୍ୱିତୀୟ ପୁତ୍ର। ତାଙ୍କ ପିତାଙ୍କ ନାମ ବୋହ୍ଲୋବା ଆମ୍ବିଲେ (ବା ମୋରେ) ଓ ମାତାଙ୍କ ନାମ କନକାଇ। ବୋହ୍ଲୋବାଙ୍କର ପୂର୍ବପୁରୁଷମାନେ ଦେହୁର ମହାଜନ (ସାହୁକାର, ବଣିକ) ଥିଲେ। ମହାଜନ ହିସାବରେ, ସେମାନେ ଦେହୁ ଅଞ୍ଚଳର ଛୋଟ ବେପାରିଙ୍କ ବେପାରକୁ ନିୟନ୍ତ୍ରଣ କରୁଥିଲେ ଓ ସେମାନଙ୍କଠାରୁ ଖଜଣାଆଦି ସଂଗ୍ରହ କରୁଥିଲେ। ବଂଶପରମ୍ପରା ଅନୁସରି ବୋହ୍ଲୋବା ମହାଜନ ବୃତ୍ତି କରିଥିଲେ। ଦେହୁ ଗାଆଁ ନିକଟସ୍ଥ ଇନ୍ଦ୍ରାୟଣୀ ନଦୀ କୂଳରେ ତୁକାରାମଙ୍କ ପରିବାରର ସରସା ଚାଷୋପଯୋଗୀ ଚକ ଜମି ଥିଲା। ମୋଟାମୋଟିରେ କହିଲେ ତୁକାରାମ ଗୋଟିଏ ସ୍ୱଚ୍ଛଳ ପରିବାରରେ ଜନ୍ମିଥିଲେ। ତାଙ୍କର ପାରିବାରିକ ବୃତ୍ତି ଥିଲା ଶସ୍ୟ ତଥା ଖାଉଟି ଦ୍ରବ୍ୟ ବ୍ୟବସାୟ ଓ କୃଷି।

ତୁକାରାମଙ୍କର ବୟସ ଅଳ୍ପ ହୋଇଥିବା ବେଳେ ତାଙ୍କ ବାପ-ମାଆଙ୍କର ମୃତ୍ୟୁ ହେଲା। ତାଙ୍କର ବଡ଼ ଭାଇ ସଂସାର ବିରାଗୀ ହେଲେ। ତେଣୁ, ଅଳ୍ପ ବୟସରେ ତୁକାରାମଙ୍କ ଉପରେ ଏକ

ବଡ଼ ମିଳିତ ପରିବାର ଚଳାଇବାର ଭାର ପଡ଼ିଲା। ତୁକାରାମ ଦୁଇଥର ବିବାହ କରିଥିଲେ। ତୁକାରାମଙ୍କର ପ୍ରଥମ ପତ୍ନୀ ରୋଗିଣୀ ହୋଇଥିବାରୁ ସେ ପ୍ରଥମ ପତ୍ନୀ ଜୀବିତା ଥାଇ ଦ୍ୱିତୀୟ ପତ୍ନୀ ଗ୍ରହଣ କରିଥିଲେ। ତାଙ୍କର ପ୍ରଥମ ପତ୍ନୀଙ୍କ ନାମ ରଖମା ଓ ଦ୍ୱିତୀୟ ପତ୍ନୀଙ୍କ ନାମ ଜୀଜା (ଆବଲୀ)। ରଖମା ଶ୍ୱାସ ଓ ସମ୍ଭବତଃ ଯକ୍ଷ୍ମା ରୋଗରେ ପୀଡ଼ିତା ଥିଲେ। ସେ ଜୀଜାଙ୍କୁ ଦ୍ୱିତୀୟ ପତ୍ନୀ ରୂପେ ଗ୍ରହଣ କରିଥିଲେ ବି ପ୍ରଥମ ପତ୍ନୀ ରଖମାଙ୍କ ପ୍ରତି ତାଙ୍କର ପ୍ରୀତି ଊଣା କରି ନ ଥିଲେ। ୧୬୨୯ ମସିହାରେ ଭୟାନକ ଦୁର୍ଭିକ୍ଷ ପଡ଼ିଥିଲା। ଦୁର୍ଭିକ୍ଷ ପରେ ପରେ ଅନେକ ସଂକ୍ରାମକ ରୋଗ ବି ବ୍ୟାପିଥିଲା। ଦୁର୍ଭିକ୍ଷରେ ଖାଦ୍ୟାଭାବ ରଖମାଙ୍କ ମୃତ୍ୟୁର ପ୍ରଧାନ କାରଣ ହୋଇଥିଲା। ଦୁର୍ଭିକ୍ଷର ଉତ୍କଟ ପରିସ୍ଥିତିରେ ତୁକାରାମଙ୍କୁ ରଖମାଙ୍କ ମୃତ୍ୟୁର କେବଳ ନିରୁପାୟ ନୀରବ ଦର୍ଶକ ହେବାକୁ ପଡ଼ିଥିଲା। ଦୁର୍ଭାଗ୍ୟକ୍ରମେ, ତୁକାରାମଙ୍କୁ ଏକୋଇଶି ବର୍ଷ ହେବା ବେଳକୁ ତାଙ୍କର ବାପା, ମା, ପ୍ରଥମ ପତ୍ନୀ ଓ ନିଜର କେତୋଟି ସନ୍ତାନଙ୍କର ମୃତ୍ୟୁ ହୋଇସାରିଥିଲା।

ସ୍ୱଜନମାନଙ୍କର ମୃତ୍ୟୁ ଓ ଦୁର୍ଭିକ୍ଷର କଷାଘାତ ପରେ ତୁକାରାମ ଏକ ଗୃହସ୍ଥ ଭାବରେ ଜୀବନ ଯାପିବା ପାଇଁ ସମ୍ବଳ ଓ ସ୍ପୃହା ହରାଇଲେ। ସେ ନିଜର କୃଷି ଓ ମହାଜନୀ ବ୍ୟାପାରରେ ମଧ୍ୟ ବୀତସ୍ପୃହ ହେଲେ। ସମ୍ଭବତଃ ଦୁର୍ଭିକ୍ଷଜନୀତ ପାରିପାର୍ଶ୍ୱିକ ପରିସ୍ଥିତିରୁ ତୁକାରାମ ଦେବାଳିଆ ଓ ଧନହୀନ ହୋଇପଡ଼ିଥିଲେ। ଏପରିକି, ସେ ନିଜର ଋଣ ପରିଶୋଧ କରିବାକୁ ଅକ୍ଷମ ହୋଇପଡ଼ିଲେ। ଫଳତଃ ଗ୍ରାମପଞ୍ଚାୟତ ତାଙ୍କଠାରୁ ତାଙ୍କର ମହାଜନ ପଦବି ଓ ଅଧିକାର ଛଡ଼ାଇ ନେଲା। ଏହା ସହିତ ସେ ଗାଆଁ ମୁଖିଆର ଆଉ ପ୍ରିୟପାତ୍ର ହୋଇ ରହିପାରିଲେ ନାହିଁ।

ଏସବୁ ଘଟଣା ପରେ, ତୁକାରାମ ଲୋକସମ୍ପର୍କରୁ ଆପଣାକୁ ଦୂରେଇ ନେଲେ ଓ ଏକାନ୍ତ ଭାବରେ ଜୀବନ ବଞ୍ଚିବାକୁ ଲାଗିଲେ। ଏହାପରେ ସେ ଅନେକ ସମୟରେ ନିକାଞ୍ଚନରେ ବସି ରହୁଥିଲେ ଓ ନିଜ ଭାବନାରେ ବୁଡ଼ି ରହୁଥିଲେ। କ୍ରମେ ସେ ଅନେକ ସମୟରେ ନିକାଞ୍ଚନ ତୋଟା, ମାଳ ବା ବଣୁଆ ଜାଗା ଆଡ଼େ ଯାଇ ସମୟ ବିତାଇବାକୁ ଲାଗିଲେ। ତୁକାରାମ ଘରର ଦାୟୀତ୍ୱ ନ ମୁଣ୍ଡାଇବାରୁ, ଘର ଚଳାଇବାର ଭାର ତାଙ୍କ ପତ୍ନୀଙ୍କ ଉପରେ ପଡ଼ିଲା। ବ୍ୟକ୍ତିଗତ ଜୀବନର ଦୁଃଖଦ ଘଟଣାମାନଙ୍କ ସହିତ ତୁକାରାମଙ୍କର ଚିତ୍ତ ଅନ୍ତର୍ମୁଖୀ ହେଲା। ପଣ୍ଢରପୁରର ଆରାଧ୍ୟ ଦେବ, ପୁରନ୍ଦର ବିଠଲ ତୁକାରାମଙ୍କ ପରିବାରର କୁଳଦେବତା ଥିଲେ। ତାଙ୍କର ଚିତ୍ତ ନିଜ କୁଳର ଆରାଧ୍ୟ ଦେବ ବିଠଲଙ୍କ ଭକ୍ତିରେ ଆବିଷ୍ଟ ହେଲା। ତୁକାରାମଙ୍କର ପୂର୍ବପରୁଷମାନଙ୍କର ବିଠଲଙ୍କଠାରେ ଅତୁଟ ଭକ୍ତିଥିଲା। ଅନେକ ପୁରୁଷରୁ ସେମାନେ ପ୍ରତିବର୍ଷ ଆଷାଢ଼ ଶୁକ୍ଳ ଏକଦଶୀକୁ ପଣ୍ଢରପୁରକୁ ଯାତ୍ରା କରୁଥିବା ବାରକରି ଥିଲେ। ତୁକାରାମଙ୍କର କୌଣସି ଜଣେ ପୂର୍ବପୁରୁଷ ତାଙ୍କର ଦେହୁରେ ଥିବା ଚାଷ ଜମିରେ ବିଠଲଙ୍କର ଏକ ଛୋଟିଆ ମନ୍ଦିର ତୋଳାଇଥିଲେ। ପୂର୍ବପରୁଷରୁ ନିଜ ଜାଗାରେ ଥିବା ବିଠଲମନ୍ଦିର ତାଙ୍କ ଅମଳକୁ ଜୀର୍ଣ୍ଣ ହୋଇପଡ଼ିଥିଲା। ଜୀବନର ଅତି ନଃସ୍ୱ ଅବସ୍ଥାରେ ମଧ୍ୟ ତୁକାରାମ କୌଣସିମତେ ସେହି ବିଠଲ ମନ୍ଦିରର ପୁନରୁଦ୍ଧାର କଲେ।

ଏଣିକି, ନିଃସ୍ୱ ପାରିବାରିକ ଜୀବନଠାରୁ ଦୂରେଇ ରହି, ତୁକାରାମ ପ୍ରାୟ ସମୟ ସେହି ବିଠଲ ମନ୍ଦିରର ପ୍ରାଙ୍ଗଣ ଓ ପରିସରରେ କଟାଇବାରେ ଲାଗିଲେ। ସେଠାରେ ଅନେକ ସମୟରେ ସେ ପୂର୍ବ ସନ୍ଥକବିମାନଙ୍କଦ୍ୱାରା ରଚିତ ବିଠଲ-ଭଜନମାନ ଗାଉଥିଲେ। ତୁକାରାମଙ୍କର ଏଭଳି

ଅବସ୍ଥାରେ ନିଜର ଭାର୍ଯ୍ୟା ଏବଂ ଅନ୍ୟ ବନ୍ଧୁମାନେ ତାଙ୍କୁ କିଛି ଜୀବିକା କରିବାପାଇଁ ପ୍ରବର୍ତ୍ତାଲେ; ହେଲେ ସେ ସେଥିପ୍ରତି କୌଣସି ଆଗ୍ରହ ପ୍ରକାଶ କଲେ ନାହିଁ। ଫଳତଃ ସେ ତାଙ୍କର ସାଂସାରିକ ଦାୟୀତ୍ୱ ଓ ବନ୍ଧନଠାରୁ ନିଜକୁ ଦୂରେଇନେଲେ। ତାଙ୍କର ଭାର୍ଯ୍ୟା ଏବଂ ଗାଆଁର ଲୋକମାନେ ତାଙ୍କର ଏହି ଆଚରଣକୁ ପାଗଳାମି ବୋଲି ଧରିନେଲେ। ହେଲେ, ଲୋକେ ତାଙ୍କର ବିଠଲଭକ୍ତି ଓ ସମସ୍ତଙ୍କପ୍ରତି ଦୟାଶୀଳ ମନୋବୃତ୍ତି ଦେଖି ତାଙ୍କର ଧୀରେ ଧୀରେ ଅନୁରାଗୀ ହେଲେ।

ଏକ ବୈରାଗୀ ଭାବରେ କିଛିଦିନ ଜୀବନ କଟାଇବା ଉତ୍ତାରେ ଦିନେ ସେ ପୂର୍ବ ସନ୍ଥକବି ନାମଦେବଙ୍କୁ ସ୍ୱପ୍ନରେ ଦେଖିଲେ। ନାମଦେବ ସ୍ୱୟଂ ବିଠଲଙ୍କ ସାଥିରେ ଆସିଥିଲେ। ସ୍ୱପ୍ନରେ ନାମଦେବ ତାଙ୍କୁ ଜାଗ୍ରତ କରି କହିଲେ ଯେ ସେ ବିଠଲଙ୍କପାଇଁ ଏକଶତକୋଟି କବିତା ଲେଖିବାକୁ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ସେ ତାଙ୍କର ଜୀବନକାଳ ଭିତରେ ଏତେ ବଡ଼ ପ୍ରତିଶ୍ରୁତିକୁ ପୁରଣ କରିବାପାଇଁ ସକ୍ଷମ ହୋଇପାରିନାହାନ୍ତି। ତେଣୁ ସେ ତାଙ୍କର ଅପୂର୍ଣ୍ଣ ପ୍ରତିଶ୍ରୁତିକୁ ପୂରଣ କରନ୍ତୁ। ସ୍ୱପ୍ନର ଉପରୋକ୍ତ ବିଷୟବସ୍ତୁକୁ ତୁକାରାମ ନିଜେ ତାଙ୍କ ଅଭଙ୍ଗରେ ଲେଖିଛନ୍ତି; ଓଡ଼ିଆ ଶବ୍ଦାନୁବାଦ ସହିତ ସେହି ଅଭଙ୍ଗଟି ନିମ୍ନରେ ଦିଆଗଲା:

**ନାମଦେବେ କେଲେ ସ୍ୱପ୍ନାମାଜୀ ଜାଗେ। ସବେଂ ପାଣ୍ଡୁରଙ୍ଗ ଯେଉନିୟା॥୧॥**

ନାମଦେବ କଲେ ସ୍ୱପ୍ନରେ ଜାଗୃତ। ସଙ୍ଗେ ପାଣ୍ଡୁରଙ୍ଗ ଆସିକରି॥୧॥

**ସାଙ୍ଗିତଲେ କାମ କରାବେ କବିତ୍ୱ। ବାଉଗେଂ ନିମିତ୍ୟ ବୋଲେଂ ନକୋ॥ଧ୍ରୁ॥**

କହିଲେ କାମ କରିବୁ କବିତ୍ୱ। ଅଯଥା କାରଣ କହନା [ତୁ]॥ଧ୍ରୁ॥

**ମାପ ଟାକି ସଳ ଧରିଲି ବିଟ୍‌ଠଲେଂ। ଥାପଟୋନି କେଲେ ସାବଧାନ॥୨॥**

ମାପ ପକାଇ [ତୋହର] ଅସାମଞ୍ଜସ୍ୟକୁ [ଏଣିକି] ବିଟ୍‌ଠଲ ଧରିଲେ। ଥାପୁଡ଼ାଇ [ନାମଦେବ] କଲେ ସାବଧାନ॥୨॥

**ପ୍ରମାଣାଚି ସଂଖ୍ୟା ସାଙ୍ଗେ ଶତକୋଟି। ଉରଲେ ଶେଓ୍ୱଟି ଲାବି ତୁକା॥୩॥**

ପ୍ରମାଣର ସଂଖ୍ୟା ବୋଲେ ଶତ କୋଟି। ଉଦ୍‌ବୃତ୍ତ ଶେଷକୁ ଲଗାଏ ତୁକା॥୩॥

ତୁକାରାମ ସ୍ୱପ୍ନରେ ଶୁଣିଥିବା ନାମଦେବଙ୍କର ଉକ୍ତିକୁ ଭଗବତ୍ ପ୍ରେରିତ ବାର୍ତ୍ତା ବୋଲି ଧରିନେଲେ। ନାମଦେବଙ୍କର ପ୍ରତିନିଧିତ୍ୱ କରି ବିଠଲଙ୍କର ତୃପ୍ତିରେ ଭକ୍ତିଗୀତ ଲେଖିବା ତାଙ୍କର ଇହଜୀବନର କର୍ତ୍ତବ୍ୟ ବୋଲି ବୁଝିନେଲେ।

କବିତା ରଚନା ହିଁ ତାଙ୍କ ଜୀବନର ଭଗବତ୍ ପ୍ରଚୋଦିତ ଲକ୍ଷ ଏହା ବୁଝି ସେଥିରେ ସେ ଉତଫୁଲ୍ଲିତ ହୋଇନଥିଲେ। ବରଂ ସେ ଦାୟୀତ୍ୱକୁ ସେ କିପରି ଭାବରେ ପୂରଣ କରିବେ ସେଥିପ୍ରତି ଉଦ୍‌ବିଗ୍ନ ହୋଇ ଉଠିଲେ। ଉଚ୍ଚକୋଟିର ଶିକ୍ଷାଦୀକ୍ଷା ନ ଥିବାରୁ ତାଙ୍କ ମନରେ ନିଜର କବି ପ୍ରତିଭା ବାବଦରେ ସନ୍ଦେହ ଜନ୍ମିଥିଲା; କିନ୍ତୁ ସେଥିସହିତ ସେ ନିଜସ୍ୱ କବି ପ୍ରତିଭାର ଅନୁଶୀଳନରେ ଚେଷ୍ଟିତ ହେଲେ।

ଦାୟୀତ୍ୱବୋଧ ଓ ସଚ୍ଚୋଟତା ତୁକାରାମଙ୍କର ସହଜାତ ଗୁଣ ଥିଲା। ଅସତ୍ ଭାବରେ କୌଣସି କାର୍ଯ୍ୟ କରିବା ତାଙ୍କର ନିୟମବିରୁଦ୍ଧ ଥିଲା। ସେ ଥିଲେ ଜଣେ ସଚ୍ଚୋଟ୍ ବ୍ୟାପାରୀ। କେବେହେଁ କୌଣସି ପଣ୍ୟବସ୍ତୁର ପ୍ରକୃତ ମାନ ନ ଜାଣି ସେ ତାଆର ବ୍ୟାପାରର ଭାର ନେଉନଥିଲେ। ତେବେ ସେ ତ ବିଠଲଙ୍କର ପ୍ରକୃତ ଗୁଣ ବା ସ୍ୱରୂପ କଅଣ ଜାଣି ନାହାନ୍ତି କି ବୁଝି ନାହାନ୍ତି! ବିଠଲଙ୍କ ବାବଦରେ ତାଙ୍କର ପ୍ରତ୍ୟକ୍ଷ ଅନୁଭୂତି ନାହିଁ! ସେ ତାଙ୍କର ସ୍ତୁତୀ ଗାଇବାର ଦାୟୀତ୍ୱ ତୁଲେଇ ବା କିପରି! ଏଣୁ, ତାଙ୍କ

କବିଜୀବନର ପ୍ରଥମାବସ୍ଥାରେ ବିଠଲଙ୍କର ପ୍ରତ୍ୟକ୍ଷ ଅନୁଭୂତି ନଥାଇ କବିତା ଲେଖିବା ତାଙ୍କପାଇଁ ଦୁରୁହ ହୋଇପଡ଼ିଥିଲା। ସମ୍ଭବତଃ ତାଙ୍କ ଜୀବନର ଏହି ସନ୍ଧିକ୍ଷଣରେ ଲିଖିତ ଏକ କବିତାରେ ସେ ତାଙ୍କର ସେ ସମସ୍ୟା ନିମ୍ନୋକ୍ତ ଭାବରେ ବ୍ୟକ୍ତ କରିଛନ୍ତି: "ହେ ବିଠଲ! ଯେଣୁ ମୁଁ ପ୍ରତକ୍ଷରେ ତୋତେ ଅନୁଭବ କରିନାହିଁ ତେଣୁ ମୁଁ ତୋର ଗୁଣ ବର୍ଣ୍ଣିବି ବା କିପରି"। ପରମାତ୍ମାଙ୍କ ପ୍ରତ୍ୟକ୍ଷ ଅନୁଭୂତି ପାଇବାର ଆକୁଳ ଅଭିଳାଷା ହେଉଛି ତୁକାରାମଙ୍କର ପ୍ରାରମ୍ଭିକ କବିଜୀବନରେ ଲେଖିଥିବା କବିତାମାନଙ୍କର ମୁଖ୍ୟ ବିଷୟବସ୍ତୁ। ସେହି କବିତାଗୁଡ଼ିକରେ ତାଙ୍କ ସାଂସାରିକ ଅନୁଭୂତିଗୁଡ଼ିକୁ ମଧ୍ୟ ସେ ଅନେକ ସ୍ଥାନରେ ଉଲ୍ଲେଖ କରିଛନ୍ତି।

କବି ହେବାର ନିଷ୍ପତ୍ତି ନେବା ପରେ, ନିବିଷ୍ଟ ଚିତ୍ତରେ ଗୀତ ରଚନା କରିବାପାଇଁ ତୁକାରାମ ଜନସମାଗମ ଓ କୋଳାହଳଠାରୁ ଦୂରେଇ ଶାନ୍ତ ଓ ନିରୋଳା ଜାଗାରେ ସମୟ କାଟୁଥିଲେ। ସେ ତାଙ୍କର ଅନେକ ଗୀତ ଦେହୁ ନିକଟସ୍ଥ ଭଣ୍ଡାରା ପାହାଡ଼ର ଏକ ପ୍ରାଚୀନ ବୌଦ୍ଧ ଗୁମ୍ଫାରେ ବସି ଲେଖିଥିବାର ସୂଚନା ମିଳେ। ଦେହୁ ନିକଟସ୍ଥ ଭାମଚନ୍ଦ୍ର ପାହାଡ଼ର ଗୁମ୍ଫା ଥିଲା ତାଙ୍କ ସାଧନାର ଅନ୍ୟ ଏକ ସ୍ଥଳୀ। ସଠାରେ ସେ ଏକାଥରେ ପନ୍ଦର ଦିନ ବିତାଇଥିବାର ସୂଚନା ମିଳେ। ଅନୁମାନ କରାଯାଏ ଯେ ସେଠାରେ ସେ ଧ୍ୟାନସ୍ଥ ଥିଲେ ଓ ଭଗବତ୍ ଚେତନାରେ ଉଦ୍ଦୀପ୍ତ ହୋଇଥିଲେ।

ତୁକାରାମ ତାଙ୍କ ଜୀବନର ଅନ୍ୟ ଏକ ସ୍ୱପ୍ନାବସ୍ଥାର ଉଲ୍ଲେଖ କରିଛନ୍ତି। ସେ ସ୍ୱପ୍ନରେ ଦେଖିଲେ ଯେ ସେ କୌଣସି ଏକ ନଦୀକୁ ଗାଧୋଇବା ପାଇଁ ବାହାରିଛନ୍ତି। ହଠାତ୍ କେହି ଜଣେ ସନ୍ୟାସୀ ତାଙ୍କ ଆଗକୁ ଆସିଲେ; ଏବଂ ତାଙ୍କ ମୁଣ୍ଡ ଉପରେ ହାତ ରଖି ତାଙ୍କୁ *ରାମ କୃଷ୍ଣ ହରି* ରୂପକ ମନ୍ତ୍ର ଦେଲେ। ସେ ତୁକାରାମଙ୍କୁ ନିଜର ପରିଚୟ ଦେଇ କହିଲେ ତାଙ୍କ ନାଆଁ ହେଉଛି *ବାବାଜୀ*; ଏବଂ ସେ ହେଉଛନ୍ତି ସନ୍ଥ *ରାଘବ ଚୈତନ୍ୟ* ଓ *କେଶବ ଚୈତନ୍ୟ*ଙ୍କର ଅନୁଗାମୀ। *ବାବାଜୀ*ଙ୍କଠାରୁ ମନ୍ତ୍ର ପାଇବାପରେ ତୁକାରାମଙ୍କର ଅଭୂତପୂର୍ବ ଭଗବତ୍ ଚେତନା ଜାଗ୍ରତ ହେଲା।

ଉପରୋକ୍ତ ଘଟଣା ତୁକାରାମଙ୍କର ପ୍ରାରମ୍ଭିକ କବି ଜୀବନର ନଅ ବର୍ଷ ପରେ, ଅର୍ଥାତ୍ ତାଙ୍କୁ ଯେତେବେଳେ ତିରିଶ ବର୍ଷ ହେଉଥିଲା ସେତେବେଳେ ଘଟିଥିବାର ଅନୁମାନ କରାଯାଏ। ପ୍ରାୟ ୨୧ବର୍ଷ ପରଠାରୁ ତୁକାରାମ କବିତା ଲେଖିବା ଆରମ୍ଭ କରିଥିଲେ; ହେଲେ, ତିରିଶ ବର୍ଷ ବେଳେ ବାବାଜୀଙ୍କଠାରୁ ମନ୍ତ୍ର ଓ ଆଶୀର୍ବାଦ ପାଇବା ପରେ ତାଙ୍କ କବିତାରେ ତାରଲ୍ୟ ଓ ଆଧ୍ୟାତ୍ମିକ ରସ ଅଧିକ ଭାବରେ ପରିସ୍ଫୁଟ ହୋଇ ଉଠିଲା; ଏବଂ ସେଗୁଡ଼ିକ ମହାରାଷ୍ଟ୍ରର ଦୂରଦୁରାନ୍ତରେ ଲୋକପ୍ରିୟ ହେବାକୁ ଲାଗିଲା। ତୁକାରାମଙ୍କଠାରୁ ବୟସରେ ସାନ କିନ୍ତୁ ତାଙ୍କର ସମସାମୟିକ ନାରୀକବି ବହିଣା ବାଇ ଦେହୁରେ ପ୍ରତିଷ୍ଠିତ ବିଠଲଙ୍କ ସମ୍ମୁଖରେ ତୁକାରାମଙ୍କୁ ସ୍ୱରଚିତ ଅଭଙ୍ଗ କୀର୍ତ୍ତନକରୁଥିବାର ଶୁଣିବାପାଇଁ ସୁଦୂର କୋହ୍ଲାପୁରରୁ ଦେହୁକୁ ଆସିଥିବାର କଥା ନିଜେ ଉଲ୍ଲେଖ କରିଛନ୍ତି। ବହିଣା ବାଇଙ୍କ ଲିଖିତ କବିତାରୁ ଜଣାପଡ଼େ ଯେ ସେ ତୁକାରାମଙ୍କର ଅପ୍ରକଟ ହେବାର ଅଳ୍ପ କିଛି ବର୍ଷ ପୂର୍ବରୁ ତାଙ୍କୁ ଭେଟିଥିଲେ; ଆଉ ସେତେବେଳକୁ ତୁକାରାମଙ୍କର ଗୀତଗୁଡ଼ିକର ଆଦର ମହାରାଷ୍ଟ୍ରର ଚାରିଦିଗରେ ବ୍ୟାପିସାରିଥିଲା।

ତୁକାରାମ ୪୧ ବର୍ଷ ବୟସରେ ୧୬୫୦ ଖ୍ରୀଷ୍ଟାବ୍ଦରେ ଅପ୍ରକଟ ହେଲେ। ବହିନା ବାଇ କହନ୍ତି ଯେ ସେ ଦେହୁ ନିକଟସ୍ଥ ଇନ୍ଦ୍ରାୟଣୀ ନଦୀ କୂଳରେ ଆନନ୍ଦାଭିଭୂତ ଶ୍ରୋତାଙ୍କ ଗହଣରେ

ଗାଉଥିବା ଅବସ୍ଥାରେ ହଠାତ୍ ତାଙ୍କର ମୃତ୍ୟୁ ହେଲା।[୧] ତେବେ ବହିନାବାଇ ଏପରି ସୂଚନା ଦେଇଥିଲେ ବି ତାଙ୍କର ଅପ୍ରକଟ ହେବା ବିଷୟରେ ଅନେକ ପ୍ରକାରର ମତ ଓ ବିଶ୍ୱାସ ଅଛି। ବାରକରିମାନେ ବିଶ୍ୱାସ କରନ୍ତି ଯେ ସ୍ୱୟଂ ବିଠଲ ସ୍ୱର୍ଗରୁ ଆଲୋକର ଏକ ରଥରେ ଆସି ତୁକାରାମଙ୍କୁ ନିଜ ସାଥିରେ ଘେନିଗଲେ। ଆଉ କେହି କେହି ବିଶ୍ୱାସ କରନ୍ତି ଯେ ସେ ନିଜକୁ ଦେହୁ ନଦୀରେ ଝାସି ମୃତ୍ୟୁ ବରଣ କଲେ। କେତେକ ଆଧୁନିକ ଲେଖକ ତୁକାରାମ ତାଙ୍କର ଶତ୍ରୁଙ୍କ ଦ୍ୱାରା ନିହତ ହୋଇଥିବାର ଆଶଙ୍କା କରନ୍ତି। ତେବେ ତାଙ୍କର ଶେଷ କବିତାମାନଙ୍କରୁ ଜଣାଯାଏ ଯେ ସେ ତାଙ୍କର ସଖା ଓ ଅନୁଗାମୀମାନଙ୍କଠାରୁ ରୀତିମତେ ମେଲାଣି ମାଗିଥିଲେ ଏବଂ ସେମାନଙ୍କୁ କହିଥିଲେ ଯେ ସେ ଦେହୁ ଗ୍ରାମ ଛାଡ଼ି କୌଣସି ଏକ ଅଜ୍ଞାତ ସ୍ଥଳକୁ ଯାଉଛନ୍ତି, ଯେଉଁଠାରୁ କି ସେ କେବେହେଁ ଫେରିବେ ନାହିଁ। ତାଙ୍କର ସଖା ଓ ଅନୁଗାମୀମାନେ କିଛିବାଟ ତାଙ୍କ ସଙ୍ଗରେ ଚାଲିଥିଲେ କିନ୍ତୁ ସେ ସେମାନଙ୍କୁ ଫେରିଯିବାକୁ ବୁଝାଇ କହିଥିଲେ। ସେ ସେମାନଙ୍କୁ କହିଥିଲେ ଯେ ସେ ତାଙ୍କର ନିତ୍ୟ ଆବାସ ସ୍ଥଳକୁ ଯାଉଛନ୍ତି; ଏବଂ ଏହାପରେ ତାଙ୍କର କାହାରି ସହିତ ଆଉ ଭେଟ ହେବ ନାହିଁ। ଏହାପରେ ଯାହା କିଛି ସଂସାରରେ ତୁକା'ର ସନ୍ତକ ଭାବରେ ରହିଯିବ ତାହା କେବଳ ତୁକା'ର ବାଣୀ। ତୁକାରାମଙ୍କର କବିତାରୁ ମିଳୁଥିବା ତଥ୍ୟ ଉପରେ ଆଧାରିତ ଏ ହେଲା ତାଙ୍କର ସଂକ୍ଷିପ୍ତ ଜୀବନୀ।

॥୨॥

ତୁକାରାମଙ୍କର ରଚନା ଓ ତାଙ୍କ ଜୀବନୀ ବାବଦରେ ଅନେକ ବିଷୟ ଆଧୁନିକ ସମାଜ ଆଗରେ ସ୍ପଷ୍ଟ ନୁହେଁ। ଏହା ଉପରେ ଆଲୋଚକମାନେ ଭିନ୍ନ ଭିନ୍ନ ଦୃଷ୍ଟିରୁ ଆଲୋକପାତ କରିଚାଲିଛନ୍ତି।

ତୁକାରାମଙ୍କର ଅଭଙ୍ଗାବଳି ମାରାଠୀ ଭକ୍ତିସାହିତ୍ୟ ଭଣ୍ଡାରର ଏକ ବିଶିଷ୍ଟ ଅଂଶ। ତେବେ ନାମଦେବଙ୍କର ଶତକୋଟି ଅଭଙ୍ଗ ଲେଖିବାର ପ୍ରତିଶ୍ରୁତିକୁ ପୂରଣ କରିବାରେ ବ୍ରତୀ ହୋଇଥିବା ତୁକାରାମ ପ୍ରକୃତରେ ଯେ କେତେ ଅଭଙ୍ଗ ରଚନା କରିଛନ୍ତି ସେ ବାବଦରେ ଆଧୁନିକ ସମାଜ ଆଗରେ କୌଣସି ସଠିକ ପ୍ରମାଣ ମିଳେ ନାହିଁ। ଏଭଳି ଅନିଶ୍ଚିତ ପରିସ୍ଥିତିର ରୂପରେଖ ନିମ୍ନୋକ୍ତ ପ୍ରକାରେ ଦିଆଗଲା:

(୧) ଏ ପର୍ଯ୍ୟନ୍ତ ତୁକାରାମଙ୍କ ସ୍ୱହସ୍ତଲିଖିତ ଏମିତି କୌଣସି ଏକ ପାଣ୍ଡୁଲିପି ମିଳିନାହିଁ ଯେଉଁଥିରେ କି ବର୍ତ୍ତମାନ୍ ଯେଉଁ ଅଭଙ୍ଗଗୁଡ଼ିକ ତୁକାରାମଙ୍କ ଅଭଙ୍ଗ ବୋଲି କୁହାଯାଏ ସେ ସମସ୍ତ ସେଥିରେ ସନ୍ନିବିଷ୍ଟ।

(୨) ଯେଉଁ ଭିନ୍ନ ଭିନ୍ନ ପାଣ୍ଡୁଲିପିଗୁଡ଼ିକ ତାଙ୍କର ସମସାମୟିକ ପାଣ୍ଡୁଲିପି ଭାବରେ ଗୃହୀତ ସେଗୁଡ଼ିକରେ ସନ୍ନିବିଷ୍ଟ ଅଭଙ୍ଗମାନ ଅବିକଳ ଭାବରେ ସମାନ ନୁହନ୍ତି।

---

[୧] *ତୁକାରାମ ତବ ଦେଖତାଂ ଦେଖତ। ଆଲେ ଅକସ୍ମାତ ମୃତ୍ୟୁ ମୁଖା।* (ଅର୍ଥାତ୍ ତୁକାରାମଙ୍କର ସମସ୍ତଙ୍କ ଦେଖନ୍ତାରେ ଅକସ୍ମାତ ମୃତ୍ୟୁ ଘଟିଲା)। (ବହିଣାବାଇ ଅଭଙ୍ଗ କ୍ରମାଙ୍କ ୭୪)। ଦ୍ରଷ୍ଟବ୍ୟ, ଗ. ବା. ତଗାରେଙ୍କର ଉପକ୍ରମଣିକା (୧୯୩୩ ପୃ ୩୬) *ମହୀପତି: ଏକ ଦୃଷ୍ଟିପାତ (Mahipati : A survey)*. ଉକ୍ତ ଉପକ୍ରମଣିକା ଜଷ୍ଟିନ୍ ଇ ଆବୋଟ ଓ ନ. ରା. ଗୋଡ଼ବୋଲେ (ସମ୍ପାଦିତ) (୧୯୩୩) *ଭାରତୀୟ ସନ୍ଥଙ୍କର କାହାଣୀ (Stories of Indian Saints)*, ମୋତିଲାଲ ବନାରସୀଦାସ, ନୂଆ ଦିଲ୍ଲୀ, ଏହି ପୁସ୍ତକରେ ଅନ୍ତର୍ଭୁକ୍ତ।

(୩) ଯେଉଁ ନକଲଗୁଡ଼ିକ ଅତିପୂରୁଣା ନକଲ ହିସାବରେ ଅଭିହିତ ସେଗୁଡ଼ିକରେ ମିଳୁଥିବା କେତେକ ଅଭଙ୍ଗ ଅନ୍ୟତ୍ର ମିଳେ ନାହିଁ।

ଆଧୂନିକ ଯୁଗରେ ଯାହା ତୁକାରାମଙ୍କର କବିତା ସଂକଳନ ଭାବରେ ଉପଲବ୍ଧ ସେଥିର ଅଭଙ୍ଗମାନ ବାରକରି ସମ୍ପ୍ରଦାୟର ମୌଖିକ ପରମ୍ପରାରୁ ଗୃହୀତ, କିମ୍ବା ପୂରାତନ ନକଲମାନଙ୍କରୁ ଗୃହୀତ କିମ୍ବା ପୂର୍ବରୁ ଛପିଥିବା ସଂକଳନ ମାନଙ୍କରୁ ଗୃହୀତ।

ବାରକରି ଭକ୍ତ ପରମ୍ପରାରେ ପ୍ରବାଦ ଅଛି ଯେ ତୁକାରାମଙ୍କର ଚଉଦ ଜଣ ସହଗାୟକ ଥିଲେ। ତୁକାରାମ ଯେତେବେଳେ ଯେଉଁଠି ଲୋକମାନଙ୍କ ଆଗରେ ଗାଉଥିଲେ ସେମାନେ ତାଙ୍କ ସାଙ୍ଗରେ ରହି ଗାଉଥିଲେ। ବର୍ତ୍ତମାନ ତୁକାରାମଙ୍କର ଗୀତାବଳି ଭାବରେ ଲୋକଲୋଚନକୁ ଅଣାଯାଇଥିବା ଅନେକ ଗୀତ ଏହି ସଖା ତଥା ସହଗାୟକମାନଙ୍କ ଦ୍ୱାରା ଲିଖିତ ପାଣ୍ଡୁଲିପିମାନଙ୍କ ସୂତ୍ରରୁ ଉଦ୍ଧୃତ। କେତେକ ଆଧୂନିକ ସମାଲୋଚକ କହନ୍ତି ଯେ ତୁକାରାମଙ୍କ ରଚନାବଳି ଭାବରେ ମିଳୁଥିବା ଗୀତମାନଙ୍କ ସଂଖ୍ୟା ପ୍ରାୟ ଆଠ ହଜାର ହେବ। ହେଲେ, ପ୍ରକୃତରେ ତୁକାରାମଙ୍କର ସ୍ୱରଚିତ କବିତାମାନଙ୍କର ସଂଖ୍ୟା ଯେ କେତେ ଏ ବିଷୟରେ ଗବେଷଣା କୌଣସି ଏକ ସଠିକ୍ ମତରେ ପହଞ୍ଚିପାରିନାହିଁ। ଅଦ୍ୟାବଧି ପୁସ୍ତକ ଆକାରରେ ପ୍ରକାଶିତ ତୁକାରାମଙ୍କର ଗୀତମାନଙ୍କର ସର୍ବାଧିକ ସଂଗ୍ରହ ଇଂରେଜ୍ ଅମଳର ବମ୍ବେ ସରକାରଙ୍କ ତରଫରୁ ପ୍ରକାଶିତ ହୋଇଛି; ଏହି ପୁସ୍ତକଟିର ନାମ *ଶ୍ରୀ ତୁକାରାମାଚେ ଅଭଙ୍ଗ* (*ଶ୍ରୀ ତୁକାରାମଙ୍କର ଅଭଙ୍ଗ*); ଏହି ପୁସ୍ତକଟି ଦୁଇଟି ଭାଗରେ ପ୍ରକାଶିତ। ଏହା ପ୍ରଥମେ ୧୮୭୩ ମସିହାରେ ଇନ୍ଦୁପ୍ରକାଶ ପ୍ରେସ୍ ଦ୍ୱାରା ଛପା ହୋଇଥିଲା। ୧୯୫୦ ମସିହାକୁ ତୁକାରାମଙ୍କ ତିରୋଧାନର ତିନି ଶହ ବର୍ଷ ପୂରୁଥିବା ଉପଲକ୍ଷେ, ସେହି ବର୍ଷ ଏହି ପୁସ୍ତକଟି ପୁନଶ୍ଚ ଏକ ନୂତନ ସମାଲୋଚନାମୂଳକ ଅବତରଣିକା ସହିତ ପ୍ରକାଶିତ ହୋଇଥିଲା। ସେବେଠାରୁ ଏହି ପୁସ୍ତକଟି ମହାରାଷ୍ଟ୍ର ସରକାରଙ୍କ ତରଫରୁ ଥରକୁ ଥର ପ୍ରକାଶିତ ହେଉଛି। ଏହି ସଂକଳନରେ ତୁକାରାମଙ୍କ ଲିଖିତ ୪୬୦୭ଟି ଗୀତ ଅଛି।

ତୁକାରାମଙ୍କ ଲିଖିତ କବିତାଗୁଡ଼ିକର କୌଣସି ଏକ ନିର୍ଭର ଯୋଗ୍ୟ ପାଣ୍ଡୁଲିପି ନ ମିଳୁଥିବାର ଏକାଧିକ କାରଣ ଥିଲାଭଳି ଲାଗେ। ତେବେ ସମାଲୋଚକ ଦିଲୀପ ଚିତ୍ରେ କହନ୍ତି ଯେ ମହାରାଷ୍ଟ୍ରରେ ତୁକାରାମଙ୍କ ଅମଳର ସମାଜରେ ବ୍ରାହ୍ମଣ ମାନଙ୍କର ପ୍ରଭୁତ ଆଧିପତ୍ୟ ଥିଲା। ସେମାନେ କାବ୍ୟ, କବିତା, ଦର୍ଶନ ଓ ଅନ୍ୟାନ୍ୟ ବୌଦ୍ଧିକ ରଚନାରେ ସଂସ୍କୃତ ଭଷା ବ୍ୟତୀତ ଅନ୍ୟ ଭାଷାର ବ୍ୟବହାରକୁ ଗ୍ରହଣ କରୁ ନ ଥିଲେ। ସାହିତ୍ୟ ରଚନାରେ ସେମାନେ ସଂସ୍କୃତ କାବ୍ୟାଦର୍ଶର ବ୍ୟତିକ୍ରମକୁ ସହ୍ୟ କରୁପାରୁନଥିଲେ। ଏହି ସମୟରେ ସଂସ୍କୃତ କାବ୍ୟାଦର୍ଶରୁ ପୃଥକ୍ ଓ ମାରାଠୀ ଲୋକଭାଷାରେ ଲିଖିତ ତୁକାରାମଙ୍କର କବିତାଗୁଡ଼ିକୁ ସେମାନେ ହୀନ ଦୃଷ୍ଟିରେ ଦେଖିଥିଲେ। ସେମାନେ ତୁକାରାମଙ୍କ କବିତ୍ୱକୁ ଲାଞ୍ଛିତ କରି ତାଙ୍କୁ ନିଜର କବିତା ଗୁଡ଼ିକୁ ନଷ୍ଟ କରିବା ପାଇଁ ବାଧ୍ୟ କରିଥିବାର ଦୃଢ଼ ଅନୁମାନ କରାଯାଏ। କୁହାଯାଏ ଯେ ତୁକାରାମ ତାଙ୍କର କବିତା ପୋଥିକୁ ସ୍ଥାନୀୟ ଇନ୍ଦ୍ରାୟଣୀ ନଦୀରେ ନିକ୍ଷୀପ୍ତ କରିବା ପାଇଁ ବାଧ୍ୟ ହୋଇଥିଲେ। ପ୍ରଥିତ ଯେ ପୋଥି ଇନ୍ଦ୍ରାୟଣୀ ନଦୀରେ ଫୋପାଡ଼ିବା ପରେ ତୁକାରାମ ଆମରଣ ଅନଶନ ଆରମ୍ଭ କରିଥିଲେ। ତେର ଦିନ ଅନଶନ କରିବା ପରେ ବିଠଲ ତାଙ୍କର ପୋଥିକୁ ନଈରୁ ଉଦ୍ଧାର କରି ଅକ୍ଷୁର୍ଣ୍ଣ ଅବସ୍ଥାରେ ତାଙ୍କୁ ଫେରାଇଦେଇଥିଲେ। ଏହି ଅଲୌକିକ ଘଟଣା ପରେ ତୁକାରାମ ଜଣେ

ମହନୀୟ ସନ୍ଥ ହିସାବରେ ବିଦିତ ହୋଇଥିଲେ। ସମ୍ଭବତଃ, ଏ ଘଟଣା ଉତ୍ତାରେ ବ୍ରାହ୍ମଣମାନେ ତାଙ୍କ କବିତା ରଚନା ବିରୁଦ୍ଧରେ କାର୍ଯ୍ୟକଳାପ ବନ୍ଦ କରିଥିଲେ।[୨]

ଆହୁରି ମଧ୍ୟ କୁହାଯାଏ ଯେ ତୁକାରାମ ଅନଶନ ପରେ ନଦୀରୁ କବିତା ଫେରିପାଇଥିଲେ କିନ୍ତୁ ତା ପରେ ତାଙ୍କର ଓ ତାଙ୍କ ଉଦ୍ଧୃତ କବିତାମାନଙ୍କର କୌଣସି ଖୋଜ୍ ଖବର ମିଳି ନ ଥିଲା। ଆଧୂନିକ ଯୁଗର କେତେକ ଲେଖକ ସନ୍ଦେହ କରନ୍ତି ଯେ ଏ ଘଟଣା ଉତ୍ତାରେ ବୋଧହୁଏ ତୁକାରାମଙ୍କୁ ହତ୍ୟା କରାଯାଇଥିଲା ଏବଂ ତାଙ୍କର କବିତାଗୁଡିକୁ ପୁନଶ୍ଚ ନଷ୍ଟ କରିଦିଆଯାଇଥିଲା। ସମାଲୋଚକ ଦିଲୀପ ଚିତ୍ରେ ଏଠାରେ ସୂଚାନ୍ତି ଯେ ତୁକାରାମ ତାଙ୍କ ଜୀବିତାବସ୍ଥାରେ ଅତି ଲୋକପ୍ରିୟ ଥିଲେ; ସମସାମୟିକ ନାରିକବି ବହିଣାବାଇ ତାଙ୍କୁ ପାଣ୍ଡୁରଙ୍ଗ ବିଠଲଙ୍କର ଅବତାର ବୋଲି ଆଖ୍ୟାୟିତ କରିଥିଲେ। ସମାଜରେ ଏଭଳି ଲୋକପ୍ରିୟତା ଅର୍ଜନ କରିଥିବା ସନ୍ଥ ତୁକାରାମଙ୍କର ହତ୍ୟା ତ ବଡ଼ କଥା କିନ୍ତୁ ତାଙ୍କ ଉପରେ କୌଣସି ଆକ୍ରମଣର ଉଦ୍ୟମ ବି ନିଶ୍ଚୟ ତାଙ୍କର ଅନୁଗାମୀମାନଙ୍କର ଦୃଷ୍ଟିକୁ ଆସିଥାଆନ୍ତା ଓ ସେମାନେ ତାହା ଲିପିବଦ୍ଧ କରିଥାଆନ୍ତେ। କିନ୍ତୁ ଏଭଳି ଘଟଣାର ଆଭାସ କୌଣସି ନିର୍ଭରଯୋଗ୍ୟ ସୂତ୍ରରୁ ମିଳେ ନାହିଁ। ତେଣୁ, ଆଧୂନିକ ଯୁଗରେ ଏଭଳି ସନ୍ଦେହ କପୋଳକଳ୍ପିତ ଓ ଉଦ୍ଭଟ ଭଳି ମନେହୁଏ।

ତୁକାରାମ ଅପ୍ରକଟ ହେବାର ପରବର୍ତ୍ତି ସାମାଜିକ ପରିସ୍ଥିତିର ଉଲ୍ଲେଖ ଏଠାରେ ବିଧେୟ। ତୁକାରାମଙ୍କର ଅପ୍ରକଟ ହେବାର ୧୯ ବର୍ଷ ପୂର୍ବରୁ ଶିବାଜୀଙ୍କର ଜନ୍ମ ହୋଇଥିଲା। ଶିବାଜୀଙ୍କ ଦ୍ୱାରା ମରହଟ୍ଟା ସାମ୍ରାଜ୍ୟ ପ୍ରତିଷ୍ଠିତ ହେବାର ଅଳ୍ପ କିଛି ବର୍ଷ ପୂର୍ବରୁ ତୁକାରାମ ଅପ୍ରକଟ ହୋଇଥିଲେ। ତୁକାରାମ ଅପ୍ରକଟ ହେବାର ପରେ ପରେ ମହାରାଷ୍ଟ୍ରରେ ମୋଗଲ ଓ ମରହଟ୍ଟା ଶାସକ ମାନଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ଲାଗିରହିଥିଲା। ଗରିବ ଚାଷୀମାନେ ଶତ୍ରୁ ସୈନ୍ୟମାନଙ୍କର ବାରମ୍ବାର ଆକ୍ରମଣରେ ଅତ୍ୟାଚାରିତ ଓ ଅସ୍ତବ୍ୟସ୍ତ ହୋଇଥିଲେ। ଅବଶ୍ୟ ଏହାର ପରେ ପରେ ମହାରାଷ୍ଟ୍ରରେ ଶିବାଜୀଙ୍କର ରାଜତ୍ୱ ସୁଦୃଢ ହୋଇଥିଲା; ଓ ସେ ପ୍ରଜାମାନଙ୍କୁ ଶତ୍ରୁ ଦାଉରୁ ରକ୍ଷାକରି କରିବାପାଇଁ ଯତ୍‌ପରୋନାସ୍ତି ଚେଷ୍ଟା କରିଥିଲେ। ହେଲେ, ଏଥିପାଇଁ ସେ ଅନେକ ସମୟରେ ଦୁର୍ଦ୍ଦାନ୍ତ ମୋଗଲ ବାହୀନି ବିରୁଦ୍ଧରେ ଛଡକା ଯୁଦ୍ଧରେ ବ୍ୟସ୍ତ ରହୁଥିଲେ; ତେଣୁ ମହାରାଷ୍ଟ୍ରରେ ରାଜନୈତିକ ଅସ୍ଥିରତା ସରିନଥିଲା। ଏଭଳି ଯୁଦ୍ଧତ୍ରସ୍ତ ପରିସ୍ଥିତିରେ ଦେବାୟତ୍ତନ, ରାଜନୈତିକ ଅନୁଷ୍ଠାନ ବା ଘରୋଇ ଭାବରେ କାବ୍ୟକବିତାମାନଙ୍କର ପାଣ୍ଡୁଲିପି ମାନଙ୍କର ରକ୍ଷଣାବେକ୍ଷଣ ଦୁରୂହ ହୋଇଥିବା ସ୍ୱାଭାବିକ୍। କୁହାଯାଏ ଯେ ତୁକାରାମ ଅପ୍ରକଟ ହେବା ପରେ

---

[୨] ମହୀପତି ତାଙ୍କର *ଭକ୍ତଲୀଳାମୃତ*, କବିତାରେ ଏହି ଅଲୌକିକ ଘଟଣାର ଅବତାରଣା କରିଛନ୍ତି। ଦ୍ରଷ୍ଟବ୍ୟ, ମହୀପତି (୧୭୭୪), *ଭକ୍ତଲୀଳାମୃତ, ଅଧ୍ୟାୟ ୨୫-୪୦* (ଅନୁବାଦ) ଜଷ୍ଟିନ୍ ଇ ଆବୋଟ (୧୯୩୦: ପୃ. ୨୦୨-୨୨୦), *Life of Tukaram*, ମୋତିଲାଲ ବନାରସୀଦାସ, ନୂଆ ଦିଲ୍ଲୀ। ମହୀପତି ପ୍ରତ୍ୟେକ ସନ୍ଥଙ୍କ ବାବଦରେ ଏପରି ଅନେକ ଅଲୌକିକ ଘଟଣା ଉପରେ ଗୁରୁତ୍ତ୍ୱ ଦେଇଥିବାରୁ ସମାଲୋଚକମାନେ ଏଭଳି ଲେଖାର ବାସ୍ତବତା ତଥା ଐତିହାସିକତା ଉପରେ ସନ୍ଦେହ ବ୍ୟକ୍ତ କରନ୍ତି।

ପଚିଶ ବର୍ଷ ପର୍ଯ୍ୟନ୍ତ ତାଙ୍କର ଭାର୍ଯ୍ୟା ଓ ପିଲାପିଲି କେହି ତାଙ୍କର ବାସସ୍ଥାନ ଦେହୁରେ ରହିନଥିଲେ; ଏବଂ ଏହି ସମୟରେ ତୁକାରାମଙ୍କର ମୂଳ ପାଣ୍ଡୁଲିପି ନିଶ୍ଚିହ୍ନ ହୋଇଯାଇଥିଲା।[୩]

ବାସ୍ତବିକ୍, ତୁକାରାମ ଅପ୍ରକଟ ହେବାର ପ୍ରାୟ ଶହେ ବର୍ଷ ପରେ ମହାରାଷ୍ଟ୍ରରେ ଶାନ୍ତି ଫେରିଥିଲା। ଏହାର ଅନେକ ବର୍ଷପରେ ମହାରାଷ୍ଟ୍ରରେ ପଣ୍ଢରପୁରକୁ ପଦଯାତ୍ରାରେ ଯାଉଥିବା ବାରକରି ଭକ୍ତମାନଙ୍କର ଯାତ୍ରାପ୍ରଥାର ପୁନଃ ପ୍ରଚଳନ ହୋଇଥିଲା। ତୁକାରାମଙ୍କର ଅଣନାତି ଗୋପାଳବୁଆ ଏହି ପରମ୍ପରାର ପୁନଃ ପ୍ରଚଳନରେ ମୁଖ୍ୟ ଭୂମିକା ନେଇଥିଲେ। ଏହିପରି ପ୍ରାୟ ଚାରି ପୁରୁଷ ଧରି ତୁକାରାମଙ୍କର ଗୀତିଗୁଡ଼ିକ ପ୍ରାୟ ଲୋକସ୍ମୃତିରୁ ଦୂରେଇଯିବା ପରେ ବାରକରି ସମ୍ପ୍ରଦାୟର ଭକ୍ତମାନଙ୍କର ଭିନ୍ନ ଭିନ୍ନ ନକଲ ତଥା ମୌଖିକ ପରମ୍ପରା ମାଧ୍ୟମରେ ପୁଣି ଲୋକଲୋଚନକୁ ଆସିଥିଲା।

ତୁକାରାମଙ୍କ ନିଜ ଗାଆଁ ପୁଣେ (ପୂନା/ପୂଣ୍ୟ) ନଗରୀ ନିକଟସ୍ଥ ଦେହୁ ଗାଆଁରେ। ବିଠୋବା ତାଙ୍କର ଆରାଧ୍ୟ ଦେବତା। ଦେହୁରେ ବିଠୋବାଙ୍କର ଏକ ଦେଉଳ ଅଛି। ସେ ଦେଉଳରେ ତୁକାରାମଙ୍କର ଏକ ପାଣ୍ଡୁଲିପି ଅଛି। କୁହାଯାଏ ଯେ ସେ ପାଣ୍ଡୁଲିପିଟି ତୁକାରାମଙ୍କର ସ୍ୱହସ୍ତଲିଖିତ। ଆଉ ମଧ୍ୟ କୁହାଯାଏ ଯେ ତାହା, ତାଙ୍କ ମୂଳ ପାଣ୍ଡୁଲିପି, ଯାହାକୁ କି ତୁକାରାମ ଇନ୍ଦ୍ରାୟଣୀ ନଦୀକୁ ଫିଙ୍ଗିବାକୁ ବାଧ୍ୟ ହୋଇଥିଲେ ଓ ପରେ ବିଠଲଙ୍କର କୃପାରୁ ନଦୀରୁ ଫେରି ପାଇଥିଲେ, ତାହାର ଅବଶିଷ୍ଟ ଅଂଶ। କୁହାଯାଏ ଯେ ତୁକାରାମଙ୍କ ବଂଶଜମାନେ ପୁରୁଷାନୁକ୍ରମେ ଏହି ପୋଥିଟିର ସୁରକ୍ଷା କରିଆସୁଛନ୍ତି। ଦେହୁ ଦେଉଳରେ ଥିବା ପାଣ୍ଡୁଲିପି ପୋଥି କିୟତ୍ ଜୀର୍ଣ୍ଣ। ସେ ପୋଥିରେ ପ୍ରାୟ ୨୫୦ଗୋଟି କବିତା ଅଛି। କୁହାଯାଏ ଯେ ସେହି ପୋଥିର ଏକ ନକଲ ମଧ୍ୟ ପଣ୍ଢରପୁରରେ ସଂରକ୍ଷିତ; ହେଲେ, ସେଥିରେ ପ୍ରାୟ ୭୦୦ଟି କବିତା ଅଛି। ତେବେ ପ୍ରଶ୍ନ ଉଠେ ଯଦି ପଣ୍ଢରପୁରରେ ଥିବା ପୋଥି ଦେହୁ-ପୋଥିର ନକଲ ତାହେଲେ ପଣ୍ଢରପୁର-ପୋଥିରେ ପ୍ରାୟ ୭୦୦ କବିତା ଥାଇ ଦେହୁ-ପୋଥିରେ କେବଳ ୨୫୦ଗୋଟି କବିତା ରହିଲା କାହିଁକି? ଏଠାରେ ଦୁଇ ପ୍ରକାରର ସନ୍ଦେହ ମନକୁ ଆସେ। ଯେଉଁ ପୋଥିଟିକୁ ନକଲ ପୋଥି ବୋଲି କୁହାଯାଉଛି, ସମ୍ଭବତଃ ପରବର୍ତ୍ତି କାଳରେ ସେଥିରେ ଅନ୍ୟସୂତ୍ରରୁ ଆନୀତ ତୁକାରାମଙ୍କର କବିତାମାନଙ୍କୁ ସଂଯୋଗ କରାଯାଇଛି; କିମ୍ବା, ମୂଳପୋଥିର କବିତାମାନ ନଷ୍ଟ ହୋଇଯାଇଛି। ଦିଲୀପ ଚିତ୍ରେ ପ୍ରଥମ ସନ୍ଦେହକୁ ବିଚାରକୁ ନେଇନାହାଁନ୍ତି। ସେ ଅନୁମାନ କରନ୍ତି ଯେ ଦେହୁରେ ଥିବା ପୋଥିରୁ ଅନେକ କବିତାକୁ କେହି ଜାଣିଶୁଣି ନଷ୍ଟ କରିଦେଇଛନ୍ତି। ବୋଧ ହୁଏ ଯେଉଁମାନେ ଦେହୁର ପୋଥିଟିକୁ ପଢ଼ିବା ପାଇଁ ମାଗି ନେଇଥିଲେ ସେମାନଙ୍କ ଭିତରୁ କେହି ସେ ପୋଥିର କବିତା ଗୁଡିକୁ ନଷ୍ଟ କରିଦେଇଛନ୍ତି। ସରଳ ବିଶ୍ୱାସୀ ମନ୍ଦିର ପରିଚାଳକ ମାନେ ସେଥି ପ୍ରତି ଧ୍ୟାନ ଦେଇ ନାହାନ୍ତି।

[୩] ଦ୍ରଷ୍ଟବ୍ୟ, ଗ. ବା. ତଗାରେଙ୍କର ଉପକ୍ରମଣିକା (୧୯୩୩ ପୃ ୩୬) *ମହୀପତି: ଏକ ଦୃଷ୍ଟିପାତ* (*Mahipati : A survey*). ଉକ୍ତ ଉପକ୍ରମଣିକା ଜଷ୍ଟିନ୍ ଇ ଆବୋଟ ଓ ନ. ରା. ଗୋଡ଼ବୋଲେ (ସମ୍ପାଦିତ) (୧୯୩୩) *ଭାରତୀୟ ସନ୍ତଙ୍କର କାହାଣୀ* (*Stories of Indian Saints*), ମୋତିଲାଲ ବନାରସୀଦାସ, ନୂଆ ଦିଲ୍ଲୀ, ଏହି ପୁସ୍ତକରେ ଅନ୍ତର୍ଭୁକ୍ତ।

॥୩॥

## ତୁକାରାମଙ୍କ ସାହିତ୍ୟ ସୃଷ୍ଟିର ପୃଷ୍ଠଭୂମି

ତୁକାରାମଙ୍କ ସମୟରେ ଧର୍ମ ମହାରାଷ୍ଟ୍ରରେ ଜାତି ଭେଦକୁ ପ୍ରଶ୍ରୟ ଦେଇଥିଲା। ଧର୍ମାଚରଣରେ ଏକ ପକ୍ଷରେ ବୈଦିକ ବ୍ରାହ୍ମଣ୍ୟ ଧର୍ମ ଓ ଅନ୍ୟ ପକ୍ଷରେ ଲୌକିକ ଧର୍ମ ଦୁଇଟି ସୀମା ସୃଷ୍ଟି କରିଥିଲେ। ଏହି ପରିସ୍ଥିତିରେ ଭକ୍ତିମାର୍ଗ ଏକ ମଧ୍ୟମ ପନ୍ଥା ଭାବରେ ଆଗକୁ ଆସିଥିଲା। ଆଚରଣ ଦୃଷ୍ଟିରୁ ଜୈନ ଓ ବୌଦ୍ଧ ଧର୍ମର କେତେକ ନୀତି ଏ ପରମ୍ପରାକୁ ପ୍ରଭାବିତ କରିଥିଲା ଭଳି ମନେହୁଏ। ତେଣୁ ଏହି ପନ୍ଥାରେ ବୈଦିକ ରୀତିନୀତି ଉପରେ ପ୍ରାଧାନ୍ୟ ଦିଆଯାଉ ନଥିଲା। ଭକ୍ତିମାର୍ଗୀମାନେ ବୈଦିକ ରୀତିନୀତିକୁ ଏଡ଼ାଇ ଈଶ୍ୱରଙ୍କଠାରେ ଭକ୍ତି ରଖିବାରେ ବିଶ୍ୱାସ କରୁଥିଲେ। ଏହି ଭକ୍ତିମାର୍ଗରେ ଈଶ୍ୱରଙ୍କର ସାନ୍ନିଧ୍ୟ ପାଇବା ଏ ପନ୍ଥାର ମୁଖ୍ୟ ନୀତି ହୋଇଥିଲା। ଭକ୍ତିମାର୍ଗୀମାନେ ଜାତିଭେଦକୁ ପରିହାର କରି ସାମ୍ୟବାଦକୁ ଅଧିକ ପ୍ରଶ୍ରୟ ଦେଇଥିଲେ। ମହାରାଷ୍ଟ୍ରରେ ଏହି ପନ୍ଥା ଜ୍ଞାନେଶ୍ୱରଙ୍କଠାରୁ ଆରମ୍ଭ ହୋଇଥିଲା; ପରେ, ନାମଦେବ, ଏକନାଥ ଓ ତୁକାରାମଙ୍କ ଭଳି ସନ୍ଥକବିମାନେ ଏହାକୁ ଅଧିକ ଲୋକପ୍ରିୟ କରାଇଥିଲେ।

ଦିଲୀପ ଚିତ୍ରେ କହନ୍ତି ଯେ ତୁକାରାମଙ୍କ ସମୟରେ ମହାରାଷ୍ଟ୍ରରେ ଚତୁର୍ବର୍ଣ୍ଣ ପ୍ରଥା ନଥିଲା। ଜାତିଭେଦ ଦୁଇଟି ଜାତି ଉପରେ ପର୍ଯ୍ୟବସିତ ଥିଲା। ସେ ଦୁଇଟି ଜାତି ହେଲେ ବ୍ରାହ୍ମଣ ଏବଂ ବ୍ରାହ୍ମଣେତର। ବ୍ରାହ୍ମଣମାନେ ସମସ୍ତ ବ୍ରାହ୍ମଣେତର ବ୍ୟକ୍ତିଙ୍କୁ ଶୁଦ୍ର ଭାବରେ ପରିଗଣିତ କରୁଥିଲେ। ତୁକାରାମଙ୍କ ପରବର୍ତ୍ତି ଅବସ୍ଥାରେ ଶିବଜୀଙ୍କର ଅଭ୍ୟୁଦୟ ହେବା ପରେ କ୍ଷତ୍ରିୟ ମରାଠାମାନେ ଏକ ସ୍ୱତନ୍ତ୍ର ଜାତି ହିସାବରେ ନିଜକୁ ଅଧିଷ୍ଠିତ କଲେ। ତେବେ ଚିତ୍ରେଙ୍କର ଏପରି ସୂଚାନର ଖିଅରୁ ବୁଝିବାକୁ ହେବ ଯେ ତୁକାରାମଙ୍କ ସଦୃଶ ଭକ୍ତିମାର୍ଗୀମାନେ ସାମ୍ୟବାଦର ପ୍ରଚାର କରୁଥିଲେ ହେଁ ଏହା (କ୍ଷତ୍ରିୟ)ମରାଠାମାନଙ୍କୁ କୌଣସି ଭାବରେ ପ୍ରଭାବିତ କରିନଥିଲା; ସେମାନେ ନିଜର କର୍ମ ଓ କ୍ଷମତାକୁ ନେଇ ନିଜକୁ ଏକ ଅଲଗା ଜାତି ବୋଲି ଅଧିଷ୍ଠିତ କରିବା ଦ୍ୱାରା ବ୍ରାହ୍ମଣେତର ଜାତିରେ ଆହୁରି ଜାତି ସୃଷ୍ଟି ହୋଇ ଜାତିଭେଦ ଆହୁରି ସୁଦୃଢ଼ ହୋଇଥିଲା।

ଦିଲୀପ ଚିତ୍ରେ ଆହୁରି ମଧ୍ୟ କହନ୍ତି ଯେ ମଧ୍ୟଯୁଗରୁ ମାରାଠୀ କବିତା ରଚନାରେ ଦୁଇଟି ଭିନ୍ନମୁଖୀ ଧାରା ପରିଲକ୍ଷିତ ହୋଇଥିଲେ। ଏକ ପକ୍ଷରେ ମାରାଠୀ କବିତା ସଂସ୍କୃତ ସାହିତ୍ୟର ଗତାନୁଗତିକ ତଥା ସ୍ଥାୟୀ ଶୈଳୀର ଅନୁକରଣ କରିଥିଲା। କେବଳ ବ୍ରାହ୍ମଣମାନେ ହିଁ ସେଗୁଡ଼ିକର ଲେଖକ ଥିଲେ। ଏହି ଧାରାରେ ଲିଖିତ କବିତାଗୁଡ଼ିକ ସଂସ୍କୃତରେ ପ୍ରଚଳିତ ତତ୍ସମ ଶବ୍ଦମାନଙ୍କର ବହୁଳ ପ୍ରୟୋଗ କରିବା ସହିତ ଲୌକିକ ମାରାଠୀକୁ ଅବହେଳା କରିଥିଲେ କିମ୍ବା ଜାଣିଶୁଣି ବର୍ଜନ କରିଥିଲେ। ଏ ଧାରା ଯଦିବା ୧୩ଶତ ଶତାବ୍ଦୀ ଠାରୁ ଆରମ୍ଭକରି ପ୍ରାୟ ସାତଶହ ବର୍ଷ ହେଲା ମାରାଠୀ ସାହିତ୍ୟରେ ଚାଲିଆସିଛି ତେବେ ଅତି ସ୍ୱଳ୍ପ ପ୍ରତିଭା ବିହୀନ ଅନାମଧେୟ କବି ଏହି ଧାରାରେ କବିତା ଲେଖିଛନ୍ତି। ଏଠି ବୁଝିବାକୁ ହେବ ଯେ ମହାରାଷ୍ଟ୍ରରେ ତୁକାରାମଙ୍କ ସମୟକୁ ଯେଉଁ କବିମାନେ ସଂସ୍କୃତ କାବ୍ୟାଦର୍ଶରେ ଲେଖୁଥିଲେ ସେମାନେ ସମସ୍ତେ ଅନାମଧେୟ କବି ଥିଲେ; ତାଙ୍କଭିତରୁ କେହି ପ୍ରଭାବଶାଳୀ କବିତା ଲେଖିବାକୁ ସକ୍ଷମ ହୋଇନଥିଲେ।

ଏଠି ଶ୍ରୀ ଚିତ୍ରେ ଦେଇଥିବା ମତ ବାବଦରେ କେତେକ ପ୍ରଶ୍ନ ମନକୁ ଆସେ: ଯଦି ସଂସ୍କୃତ କାବ୍ୟାଦର୍ଶର ଧାରାରେ ଲେଖୁଥିବା କବିମାନେ ଅନାମଧେୟ ତେବେ ସେ ଧାରାର ଅସ୍ତିତ୍ୱ ଓ ପ୍ରାଧାନ୍ୟ କଅଣ ଥିଲା ଯେ ଏହାକୁଶ୍ରୀ ଚିତ୍ରେ ଏକ ମୁଖ୍ୟ ଧାରାବୋଲି ବୋଲି ଅଭିହିତ କରିବାକୁ ଚେଷ୍ଟା କରିଛନ୍ତି ! ପୁନଶ୍ଚ କେଉଁମାନେ ଯେ ତୁକାରାମଙ୍କର ସମସାମୟିକ ସଂସ୍କୃତ କବି ଥିଲେ ଓ ସେମାନେ କଅଣ ଯେ କବିତା ସୃଷ୍ଟି କରିଥିଲେ ସେ ବାବଦରେ ଶ୍ରୀ ଚିତ୍ରେ କୌଣସି ସୂଚନା ଦେଇନାହାନ୍ତି । ତେଣୁ ସେ କେଉଁ କବିମାନଙ୍କୁ ଯେ ତାଙ୍କ କଳ୍ପନାରେ ନେଇଛନ୍ତି ପାଠକମାନେ ତାହା ଜାଣିବାରୁ ବଞ୍ଚିତ ହୋଇଛନ୍ତି । ଏଠି ସାଧାରଣ ପାଠକଙ୍କ ମନରେ ସନ୍ଦେହ ଆସିପାରେ ଯେ ବର୍ତ୍ତମାନ ବୋଧହୁଏ ସେଭଳି କବି ବା କବିତାମାନଙ୍କର କୌଣସି ସୂଚନା ସଂରକ୍ଷିତ ହୋଇନଥିବାରୁ ଶ୍ରୀ ଚିତ୍ରେ ସେମାନଙ୍କର ଅବତାରଣା କରି ପାରିନାହାନ୍ତି । ତେବେ ଏଠି ପୁନଶ୍ଚ ପ୍ରଶ୍ନ ଆସେ ସେଗୁଡ଼ିକ ନଷ୍ଟ ହେଲେ କିପରି ? କୌଣସି ବସ୍ତୁଗତ ପ୍ରମାଣ ବିନା ସେମାନଙ୍କର ଅସ୍ତିତ୍ୱ ଆଗରୁ ଥିଲା କି ନଥିଲା କହିବା ବା କିପରି ! ଦିଲୀପ ଚିତ୍ରେ ଏକନିଷ୍ଠ ଭାବରେ ତୁକାରାମଙ୍କର ଗୀତିଗୁଡ଼ିକୁ ସଂସ୍କୃତକାବ୍ୟାଦର୍ଶରେ ଅନୁପ୍ରାଣୀତ ବ୍ରାହ୍ମଣ ମାରାଠୀ କବିମାନଙ୍କର ଲେଖାମାନଙ୍କ ସହିତ ତୁଳନା କରି ସେମାନଙ୍କର ମୂଲ୍ୟାୟନ କରିବାକୁ ଚେଷ୍ଟା କରିଛନ୍ତି । ତେଣୁ ତୁକାରାମଙ୍କ ପୂର୍ବର ବା ତାଙ୍କ ସମୟର କେତୋଟି ସେପରି କବି ଓ ସେମାନଙ୍କ କବିତାର ଅବତାରଣା କରି ଓ ସେମାନଙ୍କ ସହିତ ତୁକାରାମଙ୍କର କବିତାମାନଙ୍କର ତୁଳନା କରିଥିଲେ ତାହା ଅଧିକ ସ୍ପଷ୍ଟ ହୋଇଥାଆନ୍ତା ।

ପୂର୍ବ ପରିଚ୍ଛେଦଦୁଇଟିରେ ସଂସ୍କୃତାଭିମୁଖୀ କାବ୍ୟ ଧାରା ବାବଦରେ ସୂଚନା ଦିଆଗଲା । ହେଲେ, ମାରାଠୀ କବିତାରେ ଏହାର ବିପରୀତ ଧାରା ମାରାଠୀ ଲୋକଭାଷାକୁ ବେଶେଷ ପ୍ରାଧାନ୍ୟ ଦେଇଥିଲା । ମାରାଠୀ ଭକ୍ତିକବିତାର ପ୍ରବର୍ତ୍ତକ ଜ୍ଞାନଦେବ (୧୨୭୫-୧୨୯୬) ଏହାର ସୂତ୍ରପାତ କରିଥିଲେ । ତାଙ୍କର ସମସାମୟିକ ଓ ପରବର୍ତ୍ତିକାଳର ଭକ୍ତକବିମାନେ ଯଥା ନିବୃତ୍ତିନାଥ, ସୋପାନ, ମୁକ୍ତାବାଇ, ନାମଦେବ, ଏକନାଥ, ତୁକାରାମ ଇତ୍ୟାଦି ନିଜ ନିଜର ଲେଖାରେ ଲୌକିକ ମାରାଠୀ ଶବ୍ଦମାନଙ୍କର ବହୁଳ ଭାବରେ ବ୍ୟବହାର କରିଥିଲେ । ଏଥି ସହିତ ସେମାନେ କବିତାରେ ଲୋକଗୀତିମାନଙ୍କର ଅଶୃଙ୍ଖଳିତ ବା ମୁକ୍ତ ଛନ୍ଦ ବ୍ୟବହାର କରିଥିଲେ । ସେମାନେ ମାରାଠୀ ଲୋକଭାଷାକୁ କାବ୍ୟୋପଯୋଗୀ ଭାଷାର ସମ୍ମାନ ଦେଇଥିଲେ । ରଚନାଶୈଳୀରେ ଏହା ଆଣିଥିଲା ନୂତନତା ଓ ବିବିଧତା । ଏହା ସାଧାରଣ ଲୋକଙ୍କପାଇଁ ନୂତନ କାବ୍ୟାଦର୍ଶ ସୃଷ୍ଟି କଲା । ଦୈନନ୍ଦିନ ଭାଷା କାବ୍ୟରେ ବ୍ୟବହାର ହେବାରୁ ଲୋକେ ସହଜରେ ସେଗୁଡ଼ିକୁ ବୁଝିଲେ ଓ ସେଥିରେ ଅଂଶଗ୍ରହଣ କରିବାକୁ ଇଚ୍ଛୁକ ହେଲେ । ଜ୍ଞାନଦେବଙ୍କଠାରୁ ଆରମ୍ଭ ହୋଇଥିବା ଏହି ମଧ୍ୟଯୁଗୀୟ କାବ୍ୟ ଧାରାର ପ୍ରାୟ ୪୦୦ ବର୍ଷ ପରେ ଏହାର ଶେଷ ପର୍ଯ୍ୟାୟରେ ତୁକାରାମ କବି ହିସାବରେ ଆବିର୍ଭୂତ ହୋଇ ଏହି ଧାରାକୁ ଆହୁରି ଆଗକୁ ନେଇଥିଲେ ।

ଜ୍ଞାନଦେବଙ୍କଠାରୁ ଆରମ୍ଭ ହୋଇଥିବା ଲୌକିକ ମାରାଠୀ କାବ୍ୟଧାରାରେ ପୁନଃ ଦୁଇଟି ଧାରା ପରିଦୃଷ୍ଟ ହୁଏ । ଜ୍ଞାନେଶ୍ୱର, ନିବୃତ୍ତିନାଥ, ସୋପାନ, ମୁକ୍ତାବାଇ ଓ ଏକନାଥ ତାଙ୍କର କାବ୍ୟ ମୂଳତଃ ପାଠକମାନଙ୍କର ପଢ଼ିବା ପାଇଁ ସୃଷ୍ଟିକରିଥିଲେ । ଅନ୍ୟପକ୍ଷରେ ନାମଦେବ ଓ ତୁକାରାମ ତାଙ୍କ ରଚନାମାନଙ୍କୁ ସର୍ବଦା ମୌଖିକ ପରିବେଷଣର ଆଧାର ଭାବରେ ବ୍ୟବହାର କରୁଥିଲେ ।

ତାଙ୍କର ରଚନା ମୁଖ୍ୟତଃ ମୌଖିକ ପରିବେଷଣ ଉଦ୍ଦେଶ୍ୟରେ ଲେଖାଗଲା ଓ ଓତଃପ୍ରୋତଃ ଭାବେ ମୌଖିକ ପରମ୍ପରା ସହିତ ଯୋଡ଼ି ହେଲା। ଏଗୁଡ଼ିକୁ ମାରାଠୀ ସାହିତ୍ୟରେ ଅଭଙ୍ଗ ବୋଲି କୁହାହୁଏ।

## ଗଠନଶୈଳୀ

ତୁକାରାମ ତାଙ୍କ ରଚନା ଗୁଡ଼ିକୁ ଜଣେ ଗାୟକ ଭାବରେ ପ୍ରବଚନ-ମେଳା ସଦୃଶ ମୌଖିକ ପରିବେଷଣରେ ପରିବେଷଣ କରୁଥିବାର କଥା ସର୍ବଜନବିଦିତ। ଏଥିରେ କବିତା ବ୍ୟତୀତ ଅଭିନୟ, ବର୍ଣ୍ଣନା, ବକ୍ତୃତା ଇତ୍ୟାଦିର ସମାବେଶ ହେଉଥିଲା। ମହୀପତି ତାଙ୍କର *ଭକ୍ତଲୀଳାମୃତ*ରେ କହନ୍ତି ଯେ ତୁକାରାମଙ୍କର ଚାରିଜଣ ଅତି ନିକଟ ସହଗାୟକ ଥିଲେ; ସେମାନେ ହେଲେ ରାମେଶ୍ୱର, କାହ୍ନୋବା, ଗଙ୍ଗାଜୀ ମାବଳ ଓ ସନ୍ତାଜୀ ତେଲି। ତୁକାରାମ କୀର୍ତ୍ତନଗାଉଥିଲାବେଳେ ସେଗୁଡ଼ିକୁ ସନ୍ତାଜୀ ତେଲି ଲେଖିରଖୁଥିବାର କଥା ମହୀପତି ଉଲ୍ଲେଖ କରିଛନ୍ତି।[୪] ଏଥିରୁ ସ୍ପଷ୍ଟ ସୂଚନା ମିଳେ ଯେ ତୁକାରାମ ତାଙ୍କର ମୌଖିକ ପରିବେଷଣରେ ପୂର୍ବରୁ ଲିଖିତ କବିତା କିମ୍ବା ବିଷୟବସ୍ତୁ ହାତରେ ରଖି ପରିବେଷଣ ଆରମ୍ଭ କରୁନଥିଲେ। ତେଣୁ ତାଙ୍କର ଅନେକ ଅଭଙ୍ଗ ପରିବେଷଣର ପ୍ରକ୍ରିୟାରେ ସ୍ୱତଃସ୍ଫୁର୍ତ୍ତ ଭାବରେ ରଚିତ ହେଉଥିବା ସ୍ପଷ୍ଟ ଅନୁମେୟ।

ମୌଖିକ ପରିବେଷଣ ସର୍ବଦା ବର୍ଣ୍ଣନାଶ୍ରୟୀ ଓ କୀର୍ତ୍ତନକାର ପରିବେଷଣରେ ଛୋଟ ଛୋଟ ଉପାଖ୍ୟାନ ମାନ ଶ୍ରୋତାମାନଙ୍କୁ ପରିବେଷଣ କରିଥାଆନ୍ତି। ତେଣୁ ଏଭଳି ମୌଖିକ ପରିବେଷଣମାନଙ୍କରେ ବର୍ଣ୍ଣନା ପାଇଁ ପଦ୍ୟାଂଶ ସହିତ ଗଦ୍ୟାଂଶର ମିଶ୍ରଣ ଯେ ଅନିବାର୍ଯ୍ୟ ଏହା ସର୍ବଜନ ବିଦିତ। ତେଣୁ ଏହା ଆଦୌ ଆଶ୍ଚର୍ଯ୍ୟର କଥା ନୁହେଁ ଯେ ତୁକାରାମଙ୍କର ରଚନାମାନନଙ୍କ ମଧ୍ୟରେ ଛୋଟ ଛୋଟ ପାରମ୍ପରିକ ଉପାଖ୍ୟାନ ଦେଖିବାକୁ ମିଳେ; ଓ ସେଗୁଡ଼ିକ ଗଦ୍ୟଭଳି ଯତିହୀନ ଓ ଛନ୍ଦହୀନ। ଏହା ମୌଖିକ ପରିବେଷଣରେ କଥାବସ୍ତୁ ବା ବିଷୟବସ୍ତୁର ବର୍ଣ୍ଣନାପାଇଁ ଅନେକ ସ୍ଥଳରେ ବ୍ୟବହୃତ ହୋଇଥିବା ନିତାନ୍ତ ସ୍ୱାଭାବିକ୍। ଏଠାରେ ଓଡ଼ିଆ ପାଠକଙ୍କର ଅବଗତି ପାଇଁ ତୁକାରାମ କିପରି ପାରମ୍ପରିକ ମୃଗୁଣୀ ସ୍ତୁତୀକୁ ଯତିହୀନ ଗଦ୍ୟସୁଲଭ ଭଙ୍ଗୀରେ ପରିବେଷଣ କରିଛନ୍ତି ତାହାର ଅବତାରଣା କରାଗଲା:

ଏକ ପ୍ରେମଗୁଜ ଐକେ ଜଗଜେଠୀ। ଆଠୱ୍ଲୀ ଗୋଷ୍ଟୀ ସାଙ୍ଗତସେ ॥୧॥
ଏକ ମୃଗ ଦୋହ୍ନି ପାଡ଼ସାଂସହିତ । ଆନନ୍ଦ ଚରତ ହୋତି ବନି ॥ଧୃ॥
ଅବାଚିତା ତେଥେ ପାରଧୀ ପାୱ୍ଲା । ଘେଉନିୟୋ ଆଲା ଶ୍ୱାନ ଦୋହ୍ନି ॥୨॥
ଏକିକଡ଼େ ତ୍ୟାଣେ ରଚିଲ୍ୟା ବାଘୁରା । ଠେବିଲେ ଶ୍ୱାନପୁତ୍ରା ଏକିକଡ଼େ ॥୩॥
ଏକିକଡ଼େ ତେଣେ ବୋଣବା ଲାବିଲା। ଆପଣ ରାହିଲା ଏକୀକଡ଼େ ॥୪॥
ଚହୁଂକଡ଼ୋନିୟା ମୃଗେ ବେଢ଼ିୟଲି । ସ୍ମରେଂ ତେ ଲାଗଲି ନାମ ତୁଝେ ॥୫॥
ରାମା କୃଷ୍ଣା ହରି ଗୋବିନ୍ଦା କେଶବା । ଦେବାଚିୟା ଦେବା ପାବେ ଆତାଂ ॥୬॥

---

୪ ଦ୍ରଷ୍ଟବ୍ୟ: ମହୀପତି (୧୭୭୪) *ଭକ୍ତଲୀଳାମୃତ*, (ଅନୁବାଦ) ଜଷ୍ଟିନ୍ ଇ ଆବୋଟ (୧୯୩୦: ପୃ. ୨୨୫), ମୋତିଲାଲ ବନାରସୀଦାସ, ନୂଆ ଦିଲ୍ଲୀ।

କୋଣ ରକ୍ଷୀ ଆତା ଐସିଏ ସଂକଟି । ବାପା ଜଗଜେଠୀ ତୁଜବିଣ ॥୭॥
ଆଇକୋନି ତୁହ୍ମି ତୟାଚି ଓ୍ୱଚନେଂ । କୃପା ଅଂତଃକରଣେ କଳବଳିଲା ॥୮॥
ଆଜ୍ଞା ତୟେ କାଳି କେଲି ପର୍ଜନ୍ୟାସି । ବେଗୀ ପାଓ୍ୱକାସୀ ବିଝବାବେଂ ॥୯॥
ସସେ ଏକ ତେଥେ ଉଠବୁନି ପଳବିଲେ । ତୟା ପାଠି ଗେଲି ଶ୍ୱାନେ ଦୋହ୍ମି ॥୧୦॥
ମୃଗେ ଚମକୋନି ସତ୍ୱର ଚାଲଲୀ । ଗୋବିଂଦେ ରକ୍ଷୀଲୀ ହ୍ମଣୋନିୟା ॥୧୧॥
ଐସା ତୁ କୃପାଳୁ ଦୟାଳୁ ଆହେସୀ । ଆପୁଲ୍ୟା ଭକ୍ତାସୀ ଜୀବଲଗ ॥୧୨॥
ଐସି ତୁଝି କୀର୍ତ୍ତୀ ଜୀବୀ ଆଓ୍ୱଡ଼ତି । ରଖୁମାଇଚ୍ୟା ପତି ତୁକା ହ୍ମଣେ ॥୧୩॥

ଉପରୋକ୍ତ କବିତାଭଳି ତୁକାରାମଙ୍କର ଅନେକ କବିତା ଅଛି ଯେଉଁମାନଙ୍କର ଗଠନଶୈଳୀରେ ଅନେକ ସ୍ଥାନରେ ଯତି ଓ ଛନ୍ଦରେ ସାମଞ୍ଜସ୍ୟ ପରିଲକ୍ଷିତ ହୁଏ ନାହିଁ। ଯମକ ଓ ଅନ୍ୟାନ୍ୟ ଭାଷାବିନ୍ୟାସର ରୀତି ମଧ୍ୟ ପରିଲକ୍ଷିତ ହୁଏ ନାହିଁ। ତେଣୁ ଅନେକ ସ୍ଥଳରେ ତାଙ୍କର ରଚନାରେ କବିତା ସୁଲଭ ତାରଲ୍ୟ ପ୍ରତିଭାତ ହୁଏ ନାହିଁ। ତେବେ ଏଠି ପ୍ରଶ୍ନ ଉଠେ ଏଭଳି ରଚନାକୁ ସାଙ୍ଗୀତିକ ଭାବରେ ପରିବେଷଣ କରାଯାଏ କିପରି! ଏହାର ଆଭାସ ନାମଦେବଙ୍କର ନିମ୍ନୋକ୍ତ ଅଭଙ୍ଗର ଉଦାହରଣ ଦ୍ୱାରା ଦର୍ଶାଯାଇ ପାରେ:

ମନୁଷ୍ୟ କରିସି ତରୀ ଭକ୍ତିଚେନି ମିଷେଂ ତୁଝେ ଦ୍ୱାରୀ ବସେଂ ଐସେଂ କରିଂ॥୧॥
ଶ୍ୱାନ କରିସି ତରୀ ଉଚ୍ଛିଷ୍ଟାଚେନି ମିଷେଂ ତୁଝେ ଦ୍ୱାରୀ ବସେଂ ଐସେଂ କରିଂ॥୨॥
ପକ୍ଷୀ କରିସି ତରୀ ଚାରିୟାଚେନି ମିଷେଂ ତୁଝେ ଦ୍ୱାରୀ ବସେଂ ଐସେଂ କରିଂ॥୩॥
ଝାଡ଼ କରିସି ତରୀ ତୁଳସୀଚେ ନି ମିଷେଂ ତୁଝେ ଦ୍ୱାରୀ ବସେଂ ଐସେଂ କରିଂ॥୪॥
ବୃକ୍ଷ କରିସି ତରୀ ମଣ୍ଡପ ମଖାଚେନି ମିଷେଂ ତୁଝେ ଦ୍ୱାରୀ ବସେଂ ଐସେଂ କରିଂ॥୫॥
ପାଷାଣ କରିସି ତରୀ ରଂଗ ଶିଳେଚେନି ମିଷେଂ ତୁଝେ ଦ୍ୱାରୀ ବସେଂ ଐସେଂ କରିଂ॥୭॥
ଉଦକ କରିସି ତରୀ ସାଡ଼ିୟାଚେନି ମିଷେଂ ତୁଝେ ଦ୍ୱାରୀ ବସେଂ ଐସେଂ କରିଂ॥୮॥
ନାମା ହ୍ମଣେ ବିଠୋ କୀର୍ତ୍ତନାଚେନି ମିଷେଂ ତୁଝେ ଦ୍ୱାରୀ ବସେଂ ଐସେଂ କରିଂ॥୯॥[୫]

ଉପରୋକ୍ତ ଅଭଙ୍ଗର ଗଠନ ଶୈଳୀରୁ ଏହା ସୁସ୍ପଷ୍ଟ ଯେ *ତୁଝେ ଦ୍ୱାରୀ ବସେଂ ଐସେଂ କରିଂ* ଏହାର ଘୋଷାପଦ। ଏଭଳି ଘୋଷାପଦମାନଙ୍କର ସାଙ୍ଗୀତିକ ପ୍ରୟୋଗରେ କୀର୍ତ୍ତନକାରମାନେ ଯତି ରକ୍ଷା କରୁଥିବାର କୌଶଳ ସର୍ବଜନ ବିଦିତ। କଥା ବା ବିଷୟବସ୍ତୁର ବର୍ଣ୍ଣନା ସମୟରେ ଏପରି ଘୋଷା ପ୍ରୟୋଗ କରି ଯତି ରକ୍ଷା କରାଯାଉଥିବାର କୌଶଳର ଉଦାହରଣ ଓଡ଼ିଆ ପାଠକେ ଓଡ଼ିଶାର ପାଲା ଓ ଦାସକାଠିଆ ପରିବେଷଣ ଭଳି ମୌଖିକ ପରମ୍ପରାରୁ ଅବଗତ ଥିବେ। ଭିନ୍ନ ଭିନ୍ନ ପରମ୍ପରାରେ ସତତ ଉଚ୍ଚାରିତ ଘୋଷାହିଁ ମନ୍ତ୍ରର ଆଖ୍ୟା ପାଇଥାଏ— ଯଥା (ବୈଷ୍ଣବ) ଚୈତନ୍ୟ ପରମ୍ପରାରେ ବ୍ୟବହୃତ *ହରେକୃଷ୍ଣ ହରେରାମ* ମନ୍ତ୍ର। ଏଠାରେ ପାଠକଙ୍କର ମନେଥିବ ଯେ ତୁକାରାମ ବାବଜୀଙ୍କଠାରୁ ସ୍ୱପ୍ନରେ *ରାମ କୃଷ୍ଣ ହରି* ମନ୍ତ୍ର ପାଇଥିଲେ; ଏବଂ କୁହାଯାଏ ଯେ ବାବାଜୀଙ୍କଠାରୁ ଏହି ମନ୍ତ୍ର ଓ ଆଶୀର୍ବାଦ ପାଇବା ପରେ ତାଙ୍କ କବିତାରେ ତାରଲ୍ୟ ଓ ଆଧ୍ୟାତ୍ମିକ

---

[୫] ସୁବଂଧ, ହ. ଭ. ପ. ପ୍ରହ୍ଲାଦ ସୀତାରାମ (ସଂଗ୍ରାହକ ଓ ପ୍ରକାଶକ) (୧୯୫୮ : ପୃ ୨୧) *ଶ୍ରୀ ନାମଦେବରାୟାଂଚି ସାର୍ଥ ଗାଥା* ଭାଗ ଚୌଥା, ୧୧୭୩, ମହାତ୍ମା ଗାନ୍ଧୀ ରୋଡ଼୍, ପୁଣେ-୧।

ରସ ଅଧିକ ଭାବରେ ପରିସ୍ଫୁଟ ହୋଇ ଉଠିଲା। ତୁକାରାମଙ୍କର କୀର୍ତ୍ତନ ପରିବେଷଣରେ ଏଭଳି ମନ୍ତ୍ରର ପ୍ରୟୋଗ ହୋଇ ତାହା କୀର୍ତ୍ତନର ଲାଲିତ୍ୟ ଓ ଭକ୍ତି ଭାବ ବଢ଼ାଉଥିବା ନିଃସନ୍ଦେହ। ତେଣୁ ଉପରେ ପ୍ରଦତ୍ତ ତୁକାରାମଙ୍କର ଅଭଙ୍ଗ ଯଦିବା ଯତିହୀନ ଓ ଛନ୍ଦହୀନ ଭଳି ଲାଗେ, ତେବେ ସେଭଳି ରଚନା ଦେହରେ *((ଜୟ) ଜୟ) ରାମ କୃଷ୍ଣ ହରି* ମନ୍ତ୍ରକୁ ଘୋଷା ଲଗାଇ ତାକୁ ସାଙ୍ଗୀତିକ ଭାବରେ ପରିବେଷଣ କରାଯାଉଥିବା କଥା ଯଥେଷ୍ଟ ସମ୍ଭବ। ପରିବେଷଣର ଧାରାରେ ବ୍ୟବହୃତ କୌଣସି ଏକ ରଚନାରେ ଯତି ଓ ଛନ୍ଦ ନଥିଲେ ମଧ୍ୟ ତାହା ଧର୍ତ୍ତବ୍ୟ ନୁହେଁ। କାରଣ, ପରିବେଷଣକାରୀ ସଂଗୀତର ସ୍ୱରମାଧୁରୀରେ ଯତି ଓ ଛନ୍ଦର ଅଭାବକୁ ସହଜରେ ଘୋଡ଼ାଇନେବାକୁ ସକ୍ଷମ।

ମୌଖିକ କୀର୍ତ୍ତନ ବା ପ୍ରବଚନ ପରିବେଷଣ ମୂଳତଃ କଥାବସ୍ତୁ ଓ ବର୍ଣ୍ଣନାକୁ ପ୍ରାଧାନ୍ୟ ଦେଇଥାଏ। ଆଗରୁ କୁହାଯାଇଛି ଯେ ଏଥିରେ କବିତା ବ୍ୟତୀତ ଅଭିନୟ, ବର୍ଣ୍ଣନା, ବକ୍ତୃତା ଇତ୍ୟାଦିର ସମାବେଶ ହେଉଥିଲା। ଅବଶ୍ୟ କବିତା ମୂଳତଃ ଗଦ୍ୟ ଭଳି ବର୍ଣ୍ଣନାଧର୍ମୀ ନୁହେଁ। ତେଣୁ କେବଳ କବିତା ମାଧ୍ୟମରେ ଦୀର୍ଘ କଥାବସ୍ତୁ ଓ ବର୍ଣ୍ଣନା ପରିବେଷଣ କରିବା ଦୂରୁହ। ତେଣୁ ତୁକାରାମଙ୍କର ପ୍ରାୟ ସମସ୍ତ ରଚନା କ୍ଷୁଦ୍ର ଗୀତି ହୋଇଥିବା ସ୍ୱାଭାବିକ୍। କବିତାର ମୂଳ ଧର୍ମ ହେଲା କବିମନର ତୀବ୍ର ଭାବନକୁ ଚୁମ୍ବକରେ ବ୍ୟକ୍ତ କରିବା। ଏହି କବିତାଗୁଡ଼ିକ ତାଙ୍କ ମନର ତୀବ୍ର ଭାବନକୁ ଚୁମ୍ବକରେ ବ୍ୟକ୍ତ କରିବା ପାଇଁ ସକ୍ଷମ। କିନ୍ତୁ ଏଗୁଡ଼ିକରେ ଅନେକ ସମୟରେ ଯତିର ଓ ଛନ୍ଦ ଅଭାବ ପରିଲକ୍ଷିତ ହେଉଥିବାରୁ ଏଗୁଡ଼ିକ ପରିବେଷଣର ଧାରାରେ ସ୍ୱତଃସ୍ଫୁର୍ତ୍ତ ଭାବରେ ରଚିତ ହୋଇଥିବା ଭଳି ମନେହୁଏ। ତୁକାରାମଙ୍କର ଅନେକ କବିତାରେ ଯତି ଓ ଛନ୍ଦ ବ୍ୟବହୃତ ହୋଇଥିବାର ବି ଦେଖାଯାଏ। ଏଗୁଡ଼ିକ କୀର୍ତ୍ତନରେ ପରିବେଷିତ ହେବା ପୂର୍ବରୁ ସୁଚିନ୍ତିତ ଭାବରେ ଲେଖା ହେଉଥିବା ଯଥେଷ୍ଟ ସମ୍ଭବ। କିନ୍ତୁ ଏ କବିତାଗୁଡ଼ିକର ଛନ୍ଦରଚନା ଅତି ସରଳ। ଏଗୁଡ଼ିକ କୀର୍ତ୍ତନ ପରିବେଷଣରେ କିପରି ସହଜରେ ପରିବେଷିତ ହୋଇପାରିବେ ସେ ବିଚାରକୁ ନେଇ ଏହାର ଛନ୍ଦ ଶୈଳୀକୁ ଅତି ସରଳ ରଖା ଯାଉଥିବା ଯଥେଷ୍ଟ ସମ୍ଭବ। ଏସବୁ ଦୃଷ୍ଟିରୁ ବିଚାର କଲେ ତୁକାରାମଙ୍କର ରଚନାରେ ମୌଖିକ ସାହିତ୍ୟର ଅନେକ ଲକ୍ଷଣ ପରିସ୍ଫୁଟ। ଏଭଳି ପରିବେଷଣପାଇଁ ଯାହା କିଛି ଲିଖିତ ତାହା ପାଠ୍ୟ ସାହିତ୍ୟ ନୁହେଁ ବରଂ ମୌଖିକ ସାହିତ୍ୟର ଲେଖା।

ମୌଖିକ ପରିବେଷଣରେ ବ୍ୟବହୃତ ରଚନାର ଆଦର୍ଶ ଲିଖିତ ସାହିତ୍ୟର ଆଦର୍ଶଠାରୁ ନିଃସନ୍ଦେହ ଭାବରେ ଅଲଗା। ମୌଖିକ କୀର୍ତ୍ତନ ବା ପ୍ରବଚନ ସାହିତ୍ୟ ଦର୍ଶକ ବା ଶ୍ରୋତାପାଇଁ ଉଦ୍ଦିଷ୍ଟ। କିନ୍ତୁ ଲିଖିତ ସାହିତ୍ୟ ପାଠକ ପାଇଁ ଉଦ୍ଦିଷ୍ଟ। ମୌଖିକ କୀର୍ତ୍ତନ ବା ପ୍ରବଚନ ସାହିତ୍ୟରେ କୌଣସି ଏକ କବିତାର ବ୍ୟାଖ୍ୟା କରାଯାଇପାରେ। କିନ୍ତୁ ଲିଖିତ କବିତାକୁ ପାଠକ ଏକାନ୍ତରେ ପଢ଼ି ତାହାର ରସ ଗ୍ରହଣ କରିପାରିବା ଦରକାର୍। ତେଣୁ ଲିଖିତ କବିତାରେ ମିତ, ମାର୍ଜିତ ଓ ସୁଚିନ୍ତିତ ଭାଷାବିନ୍ୟାସର ଶୈଳୀ ଆବଶ୍ୟକ। ମୌଖିକ କୀର୍ତ୍ତନରେ କୌଣସି ଏକ ରଚନା ସଙ୍ଗୀତର ସହାୟକତା ପାଇପାରେ; କିନ୍ତୁ ଲିଖିତ ରଚନାର ଆଦର୍ଶ ସେପରି ସହାୟକତା ଉପରେ ନିର୍ଭର କରେନାହିଁ। ତେଣୁ ଲିଖିତ କବିତାର ସାଙ୍ଗୀତିକତା ସ୍ୱତଃପରିସ୍ଫୁଟ ହେବା ଆବଶ୍ୟକ।

ତେଣୁ, ଏଥିରେ ଯତି, ସୁସଜ୍ଜିତ ଛନ୍ଦ ରଚନା, ଯମକ, ଅନୁପ୍ରାସ ଓ ଅନ୍ୟାନ୍ୟ ଭାଷାବିନ୍ୟାସର ରୀତିର ପ୍ରୟୋଗ ହେବା ସ୍ୱାଭାବିକ୍।

ଦିଲୀପ ଚିତ୍ରେ ଏକନିଷ୍ଠ ଭାବରେ ତୁକାରାମଙ୍କର ଗୀତିଗୁଡ଼ିକୁ ସଂସ୍କୃତକାବ୍ୟାଦର୍ଶରେ ଅନୁପ୍ରାଣୀତ ବ୍ରାହ୍ମଣ ମାରାଠୀ କବିମାନଙ୍କର ଲେଖାମାନଙ୍କ ସହିତ ତୁଳନା କରି ସେମାନଙ୍କର ମୂଲ୍ୟାୟନ କରିବାକୁ ଚେଷ୍ଟା କରିଛନ୍ତି। ସଂସ୍କୃତକାବ୍ୟାଦର୍ଶରେ ଅନୁପ୍ରାଣୀତ ସେହି କବିମାନଙ୍କର ପାରମ୍ପରିକ ଛନ୍ଦବିନ୍ୟାସ ଓ ଆଳଙ୍କାରିକତାର ପ୍ରୟୋଗ ଉପରେ ସେ ଆକ୍ଷେପ କରିଛନ୍ତି; ଓ ସେଭଳି ଛନ୍ଦବିନ୍ୟାସ ଓ ଆଳଙ୍କାରିକତାର ପ୍ରୟୋଗ ଯୋଗୁ ସେମାନେ ମାରାଠୀ ପାଠକଙ୍କଦ୍ୱାରା ଆଦୃତ ହୋଇନପାରିବାର ମତ ଦେଇଛନ୍ତି। ପ୍ରକାରାନ୍ତରେ ସେଭଳି କବିତାକୁ ମନୋରଞ୍ଜନର ଘଷରା ଛାଞ୍ଚ ବୋଲି ଅଭିହିତ କରି ତୁକାରାମଙ୍କ କବିତା ତୁଳନାରେ ସେଗୁଡ଼ିକ ଅନାମଧେୟ ରଚନା ବୋଲି ସୂଚାଇଛନ୍ତି। କିନ୍ତୁ ପରିତାପର ବିଷୟ ଯେ ସେ ପ୍ରତ୍ୟକ୍ଷରେ ଏଭଳି କୌଣସି ମାରାଠୀ କବି ବା ତାଙ୍କ କବିତାର ଉଦାହରଣ ଦେଇ ନାହାନ୍ତି। ତୁକାରାମଙ୍କର ଅଭଙ୍ଗମାନଙ୍କରେ ସେଭଳି ଛନ୍ଦ ଓ ଆଳଙ୍କାରିକତା ବର୍ଜିତ ହୋଇଥିବା କଥା ସେ ନିମ୍ନୋକ୍ତ ଦୁଇଟି ବାକ୍ୟରେ କହିଛନ୍ତି: "ତୁକାରାମଙ୍କପାଇଁ କବିତା ମନୋରଞ୍ଜନର ଘଷରା ଛାଞ୍ଚ ନୁହେଁ। ସେଗୁଡ଼ିକ ଆଳଙ୍କାରିକତା ବିହୀନ"। ପ୍ରକାରାନ୍ତରେ ତୁକାରାମଙ୍କ କବିତାରେ ସେପରି ଛନ୍ଦ ଓ ଆଳଙ୍କାରିକତା ବର୍ଜିତ ହୋଇଥିବା ଯୋଗୁ ତାଙ୍କ କବିତା ଅଧିକ ଲୋକପ୍ରିୟ ଓ ପ୍ରଭାବୀ ହୋଇଥିଲା ବୋଲି ମତ ପୋଷଣ କରନ୍ତି। ପରିତାପର ବିଷୟ ଯେ ସେ ତୁକାରାମଙ୍କ କବିତାର ମହନୀୟତା ଉପରେ ଅତିରିକ୍ତ ଗୁରୁତ୍ୱ ଦେବାକୁ ଯାଇ ଲିଖିତ କବିତାରେ ବ୍ୟବହୃତ ପରିପାଟିକୁ ମନୋରଞ୍ଜନର ଘଷରା ଛାଞ୍ଚ କହି ଲିଖିତ କବିତାର ଏକ ଜାଗତିକ ମହନୀୟତାକୁ ନୀଚଭାବରେ ଦର୍ଶାଇବାକୁ ଚେଷ୍ଟା କରିଛନ୍ତି। ସେ ତୁକାରାମଙ୍କର ମୁଖ୍ୟତଃ ଦର୍ଶକ ବା ଶ୍ରୋତା ପାଇଁ ଉଦ୍ଦିଷ୍ଟ ପରିବେଷଣଧର୍ମୀ କବିତାକୁ ପାଠକ ପାଇଁ ଉଦ୍ଦିଷ୍ଟ ଲିଖିତ କବିତା ସହିତ ତୁଳନା କରି ତାଙ୍କ ଚର୍ଚ୍ଚାରେ ଦିଗଭ୍ରଷ୍ଟ ହେଲା ଭଳି ମନେହୁଅନ୍ତି।

ରସ ଏବଂ ଅଳଙ୍କାର ହେଲେ କବିତାର ଚିରନ୍ତନ ଉପାଦାନ। ଶୃଙ୍ଗାର, ବୀର, ହାସ୍ୟ, କାରୁଣ୍ୟ, ଭକ୍ତି ଆଦି ରସ ହୁଅନ୍ତୁ ଅଥବା ଶବ୍ଦମାନଙ୍କର ସାଙ୍ଗୀତିକ ଧ୍ୱନିମାଧୁରୀ ହେଉ ଏମାନେ ମନୁଷ୍ୟର ଜାତି, ବର୍ଣ୍ଣ, ଧର୍ମ ଓ ଲିଙ୍ଗ ଆଦିରେ ଆବଦ୍ଧ ନୁହନ୍ତି। ଏମାନେ କବିତାର ଜାଗତିକ ଓ ଚିରନ୍ତନ ପ୍ରାଣ। ଏପରି ଜାଗତିକ ଦୃଷ୍ଟିରୁ କବିତାର ସମାଲୋଚନା ଏବଂ ମୂଲ୍ୟାଙ୍କନ ଅତ୍ୟନ୍ତ ଉପାଦେୟ।

କବିତାର ନିତ୍ୟ ଆଧାର ହେଲେ ଶବ୍ଦ। ଶବ୍ଦ ଦୁଇଟି ମୌଳିକ ଉପାଦାନର ସମନ୍ୱୟ। ଏକ ପକ୍ଷରେ ଶବ୍ଦ ବସ୍ତୁଚେତନାସାପେକ୍ଷ; ଓ ଅନ୍ୟପକ୍ଷରେ ଏହା ଧ୍ୱନିସଂଯୋଜନାସାପେକ୍ଷ। କବିତା ଶବ୍ଦର ଆଭିଧାନିକ ବସ୍ତୁଚେତନାର ପ୍ରୟୋଗରେ ଆବଦ୍ଧ ନୁହେଁ। ଏହା ଶବ୍ଦର ଆଭିଧାନିକ ଧ୍ୱନିବଦ୍ଧତାରେ ସୀମିତ ବା ସନ୍ତୁଷ୍ଟ ନୁହେଁ। ଏକ ପକ୍ଷରେ ଏହା ଶବ୍ଦକୁ ତାହାର ଆଭିଧାନିକ ବସ୍ତୁଚେତନାରୁ ମୁକ୍ତ କରି ଅର୍ଥାଳଙ୍କାର ସୃଷ୍ଟି କରିଥାଏ; ଏହା ଶବ୍ଦକୁ ସଙ୍କେତ (symbol) ଓ ରୂପକ (metaphor) ଇତ୍ୟାଦି ଭାବରେ ପ୍ରୟୋଗରେ କରି ଉଦ୍ଭଟ କାଳ୍ପନିକତା ସୃଷ୍ଟି କରିଥାଏ ଏବଂ ସେହି କଳ୍ପନାବିଳାସରେ କବିତାର ଉତ୍କର୍ଷତା ପ୍ରତିପାଦିତ କରିଥାଏ। ଅନ୍ୟ

ପକ୍ଷରେ ଏହା ଶବ୍ଦର ଆଭିଧାନିକ ଧ୍ୱନିବଦ୍ଧତାର ଉର୍ଦ୍ଧ୍ୱସ୍ତରରେ, ବାକ୍ୟ ସ୍ତରର ପ୍ରୟୋଗରେ, ଧ୍ୱନ୍ୟାଳଙ୍କାର ସୃଷ୍ଟି କରିପାରେ। ସେହି ଧ୍ୱନ୍ୟାଳଙ୍କାର ଯତି, ଛନ୍ଦ, ଯମକ, ଅନୁପ୍ରାସ ଇତ୍ୟାଦି ଆଳଙ୍କାରିକତାରେ ପରିସ୍ଫୁଟ। ତୁକାରାମଙ୍କର ଅଭଙ୍ଗ ସଙ୍ଗୀତର (କୀର୍ତ୍ତନର) ସହାୟତାରେ ପରିବେଷିତ ହେଉଥିବା ସମସ୍ତେ ଜାଣନ୍ତି। କିନ୍ତୁ, ସଙ୍ଗୀତ ନାଦାଶ୍ରୟୀ; ଏହା ଶବ୍ଦର ଧ୍ୱନିରଚନା ଓ ବସ୍ତୁସୂଚକତା ଠାରୁ ସ୍ୱାଧୀନ। ତେଣୁ କବିତା ସଙ୍ଗୀତଠାରୁ ଭିନ୍ନ। କବିତା ସଙ୍ଗୀତର ସହାୟକତାରେ ପରିବେଷିତ ହୋଇ ଋଦ୍ଧିମନ୍ତ ହୋଇପାରେ; କିନ୍ତୁ କବିତାର ନିଜସ୍ୱ ଓ ସଙ୍ଗୀତର ନିଜସ୍ୱ ଭିନ୍ନ ଭିନ୍ନ। ଏ ସବୁ ଦୃଷ୍ଟିରୁ ତୁକାରାମଙ୍କ କବିତାମାନଙ୍କର ଏକ ପୁଙ୍ଖାନୁପୁଙ୍ଖ ଆଲୋଚନା କରି ସେମାନଙ୍କର ମୂଲ୍ୟାୟନ କରିବାର ଯଥେଷ୍ଟ ଆବଶ୍ୟକତା ମନେ ହୁଏ।

## ରସ ଓ ବିଷୟବସ୍ତୁ

ତୁକାରାମ ବିଠଲଙ୍କର ପରମ ଭକ୍ତ, ବୈଷ୍ଣବ। ସ୍ୱାଭାବିକ ଭାବରେ ତୁକାରାମଙ୍କର ଅଭଙ୍ଗ ମୁଖ୍ୟତଃ ଭକ୍ତିରସାପ୍ଲୁତ। ସୁଖଦୁଃଖରେ ସମଭାବାପନ୍ନ ଓ ଏକନିଷ୍ଠ ଭାବରେ ବିଠଲଙ୍କ ପାଖରେ ଆତ୍ମସମର୍ପଣ ହିଁ ତାଙ୍କ ଭକ୍ତିର ମାର୍ଗ। ଅନେକ ଅଭଙ୍ଗରେ ସେ ମଣିଷକୁ ତାହାର ମାନବିକତାକୁ ସଜାଗ କରିବା ପାଇଁ ଉପଦେଶ ଦେଇଛନ୍ତି। ଅନ୍ୟର ଦୁଃଖରେ ସହଭାଗୀ ହେବା ହିଁ ମାନବିକତାର ଶ୍ରେଷ୍ଠ ପରିଚୟ। ପ୍ରକୃତ ଭକ୍ତ ଏହି ମାନବିକତାକୁ କେବେ ଛାଡ଼େନାହିଁ। ତାଙ୍କର କବିତାର ବିଷୟବସ୍ତୁ ଯଥେଷ୍ଟ ବ୍ୟାପକ। ସେସବୁର ଏକ ସମ୍ପୂର୍ଣ୍ଣ ବିବରଣ ଏଠାରେ ଉପସ୍ଥାପିତ କରିବା ସମ୍ଭବ ନୁହେଁ। ଅନେକ ଅଭଙ୍ଗରେ ସେ ତାଙ୍କର ବିଷୟବସ୍ତୁକୁ ଉପମାର ପ୍ରୟୋଗରେ ଉପସ୍ଥାପିତ କରିଥିବା ପରିଦୃଷ୍ଟ ହୁଏ। ଉପମା ତାଙ୍କର ବକ୍ତବ୍ୟକୁ ଯଥେଷ୍ଟ ବୋଧଗମ୍ୟ ଓ ତୀକ୍ଷ୍ଣ କରିବାରେ ସମର୍ଥ।

ଦିଲୀପ ଚିତ୍ରେ ଭକ୍ତିସାହିତ୍ୟକୁ ଜାତି ସଂଘର୍ଷର ଏକ ଅଭିବ୍ୟକ୍ତି ଭାବରେ ଦର୍ଶାଇବାକୁ ଚେଷ୍ଟା କରିଛନ୍ତି। ସେ ତୁକାରାମଙ୍କୁ ସେହି ଜାତି ସଂଘର୍ଷର ଏକ ପ୍ରତିନିଧି ଭାବରେ ଚିତ୍ରିତ କରିଛନ୍ତି। ସେହି ଦୃଷ୍ଟିରୁ ତାଙ୍କର ଅଭଙ୍ଗମାନଙ୍କରେ ମିଳୁଥିବା କେତେକ କ୍ଷୀଣ ଆଭାସକୁ ଜାତିସଂଘର୍ଷର ବିଷୟବସ୍ତୁ ଭଳି ଦର୍ଶାଇବାକୁ ଚେଷ୍ଟା କରିଛନ୍ତି। ତେବେ ନିରପେକ୍ଷ ଭାବରେ ଦେଖିଲେ ଭକ୍ତିସାହିତ୍ୟ ଜାତିସଂଘର୍ଷର ଉର୍ଦ୍ଧ୍ୱରେ। କୌଣସି ଏକ ସନ୍ଥର ହୃଦୟ ଜାତିକୁ ନେଇ ବିଗଳିତ ବୋଲି କହିବା ନିରର୍ଥକ ଓ ଏପରି କହିବା ତାହାର ସନ୍ଥଗୁଣ ପ୍ରତି ଅବମାନନା; ଅପରନ୍ତୁ ସନ୍ଥର ହୃଦୟ ମଣିଷର ନିର୍ଯ୍ୟାତନାରେ ବିଗଳିତ। ଯଦି ସନ୍ଥର ହୃଦୟ ନିଜର ଜାତିର ବିଚାର କରୁଥାଆନ୍ତା ତେବେ ନିବୃତ୍ତିନାଥ, ଜ୍ଞାନେଶ୍ୱର, ସୋପାନ, ମୁକ୍ତାବାଇ ଓ ଏକନାଥଙ୍କ ଭଳି ବ୍ରାହ୍ମଣ ସନ୍ଥକବିମାନେ ସଂସ୍କୃତକାବ୍ୟାଦର୍ଶକୁ ଛାଡ଼ି ଲୌକିକ ମାରାଠୀରେ କାବ୍ୟ ରଚି ନଥାନ୍ତେ କି ଭକ୍ତିସାହିତ୍ୟର ସ୍ରଷ୍ଟା ହୋଇ ନଥାନ୍ତେ।

## ଭାଷାନ୍ତର

ତୁକାରାମଙ୍କର ରଚିତ ଗୀତିମାନଙ୍କର ସଙ୍କଳନ *ତୁକାରାମାଚେ ଅଭଙ୍ଗ* ବା *ତୁକାରାମାଚି ଗାଥା* ନାମକ ପୁସ୍ତକ ଆକାରରେ ପ୍ରକାଶିତ ହୋଇଛି। ଏହି ପୁସ୍ତକରେ ୪୬୦୭ଟି ଗୀତି ଅଛି ଏବଂ ସେଗୁଡ଼ିକର ପରବର୍ତ୍ତୀ କାଳରେ ଭିନ୍ନ ଭିନ୍ନ ଭଷାରେ ଅନୁଦିତ ହୋଇ ଭିନ୍ନ ଭିନ୍ନ ପୁସ୍ତକ ଆକାରରେ ପ୍ରକାଶ ପାଇଛି। ସେପରି କେତେକ ପୁସ୍ତକମାନଙ୍କର ତାଲିକା ନିମ୍ନରେ ଦିଆଗଲା:

(୧) କେ. ବି. ମରାଠେ ଓ ଜେ ନେଲସନ୍ ଫ୍ରେଜର୍ (୧୯୦୫-୧୯୧୫), *ତୁକାରାମଙ୍କର ଗୀତାବଳି* (*Psalms of Tukaram*) ଖ୍ରୀଷ୍ଟିୟାନ୍ ମିଶନ୍ ସୋସାଇଟି, ମାଡ୍ରାସ୍। ଏହା ଏକ ଇଂରାଜୀ ଅନୁବାଦ। ଏହି ପୁସ୍ତକରେ ୩୭୨୧ ଗୋଟି କବିତାର ଗଦ୍ୟାକାରରେ ଅନୁବାଦ ହୋଇଛି।

(୨) ଗି ଦଲରୀ (୧୯୫୬) *ବାରକରି ଗୀତାବଳି* (*Psaumes du Pèlerin* / *ସୋମ୍ ଦୁ ପେଲେରାଁ*), ଗାଲିମାର୍, ପ୍ୟାରିସ। ଏହି ପୁସ୍ତକରେ ତୁକାରାମଙ୍କର ଅନେକ କବିତାକୁ ଫରାସୀ ଭଷାରେ ପଦ୍ୟାକାରରେ ଅନୁବାଦ କରାଯାଇଛି।

(୩) ଜଷ୍ଟିନ୍ ଇ ଆବୋଟ୍ (୧୯୨୬), *ମହାରାଷ୍ଟ୍ରର ସନ୍ଥକବି* (*Poet Saints of Maharashtra*), ସ୍କଟିଶ୍ ମିଶନ୍ ଇଣ୍ଡଷ୍ଟ୍ରିଜ୍, ପୁନା। ଏହି ଗ୍ରନ୍ଥଟି ୧୧ ଖଣ୍ଡରେ ପ୍ରକାଶିତ। ହେଲେ ଏଥିରେ ତୁକାରାମଙ୍କର ଅଳ୍ପ କେତେକ ଅଭଙ୍ଗକୁ ଅନୁବାଦିତ କରା ଯାଇଛି; ଏବଂ ସେଗୁଡ଼ିକ ଗଦ୍ୟାକାରରେ ପ୍ରଦତ୍ତ।

(୪) ନିକୋଲ ମାକ୍‌ନିକୋଲ୍ (୧୯୧୯), *ମାରାଠୀ ସନ୍ଥଙ୍କର ଗୀତି* (*Psalms of Marathi saints*) ଖ୍ରୀଷ୍ଟିୟାନ୍ ମିଶନ୍ ସୋସାଇଟି, କଲିକତା। ଏଥିରେ ତୁକାରାମଙ୍କ ଅଳ୍ପ କେତେକ ଅଭଙ୍ଗର ଇଂରାଜୀ ଅନୁବାଦକୁ ସ୍ଥାନ ଦିଆଯାଇଛି; ଏବଂ ସେଗୁଡ଼ିକ ପଦ୍ୟାକାରରେ ପ୍ରଦତ୍ତ।

(୫) ଅରୁଣ କୋଲଟ୍‌କର୍ (୧୯୬୬) ଭାରତର କବିତା (*Poetry India*), ବମ୍ବେ। ଏଥିରେ ତୁକାରାମଙ୍କର ନଅଟି କବିତାର ଇଂରାଜୀ ଅନୁବାଦ ହୋଇଅଛି।

ଦିଲୀପ ଚିତ୍ରେ () ଅନୁଦିତ ଆଧୁନିକ କବିତା (*Modern Poetry in Translation*), ଫଂକିର।

ଦିଲୀପ ଚିତ୍ରେ () ଅନୁବାଦ ଏବଂ ଦକ୍ଷୀଣ ଏସିୟ ସାହିତ୍ୟ ଆସ୍ୱାଦ (*Translation and South-Asian Digest of Literature*), ଦେଲୋସ୍।

କେହି କେହି ଆଧୁନିକ ଗବେଷକ ଓ ସମାଲୋଚକ ଦାବୀ କରନ୍ତି ଯେ ତୁକାରାମଙ୍କର ସମସ୍ତ କବିତାଗୁଡ଼ିକୁ ଭିନ୍ନ ଭିନ୍ନ ନକଲ ଓ ମୌଖିକ ପରମ୍ପରାରୁ ଏକତ୍ର କଲେ ସେମାନଙ୍କର ସଂଖ୍ୟା ପ୍ରାୟ 8ହଜାର ହେବ। ତେବେ, ତୁକାରାମଙ୍କର ବର୍ତ୍ତମାନ ସୁଦ୍ଧା ୪୬୦୭ଟି କବିତା ପ୍ରକାଶିତ ହୋଇସାରିଛି। ସ୍ୱଳ୍ପ ବର୍ଷର କବି ଜୀବନରେ ଏତେ କବିତା ଜଣେ ସାଧାରଣ ମଣିଷ ପକ୍ଷରେ ଲେଖିବା ପ୍ରାୟ ଅସମ୍ଭବ ମନେ ହେଲେ ବି ତୁକାରାମ ଭଗବାନଙ୍କ ପ୍ରସାଦରୁ ଅଲୌକିକ କ୍ଷମତାର ଅଧିକାରି ହୋଇଥିବାରୁ ଏହାକୁ ସେ ସମ୍ଭବ କରିପାରିଛନ୍ତି। ତୁକାରାମଙ୍କ ଲିଖିତ କବିତାମାନଙ୍କ ତୁଳନାରେ ତାଙ୍କର ଯେତିକି କବିତା ଅନୁଦିତ ହୋଇଛି ସେଗୁଡ଼ିକର ପରିମାଣ ସ୍ୱଳ୍ପ। ଦିଲୀପ ଚିତ୍ରେ କହନ୍ତି ଯେ ତୁକାରାମଙ୍କର ପ୍ରାୟ ପାଞ୍ଚ ହଜାର ପ୍ରକାଶିତ ଗୀତିମାନଙ୍କର ବିଷୟବସ୍ତୁ ଓ ଶୈଳୀ ବିବିଧତାପୂର୍ଣ୍ଣ; ଓ ସେମାନଙ୍କୁ ଅନୁବାଦ କରିବାର ପ୍ରୟାସ କଲେ ଅନୁବାଦ ପ୍ରକ୍ରିୟାର ମୌଳିକ ସମସ୍ୟା ଗୁଡ଼ିକ ଆପେ ଆପେ ଆଗକୁ ଆସେ। ସରଳ ଓ ନିରାଡ଼ମ୍ବର ଶୈଳୀରେ ଲିଖିତ ତୁକାରାମଙ୍କର କବିତାମାନେ ଅର୍ଥର ଗୁଢ଼ ସ୍ତରକୁ ସୂଚାନ୍ତି। ଅବଶ୍ୟ ଏସବୁ ଗୁଢ଼ ଅର୍ଥର ସ୍ତର ଭଷାର ସାଂସ୍କୃତିକ ଭିତ୍ତିଭୂମି ଉପରେ ପର୍ଯ୍ୟବସିତ। ଏ ଦୃଷ୍ଟିରୁ ମୂଳ କବିତା ନିର୍ବିକଳ୍ପ; ଓ ଏହାର ପ୍ରତ୍ୟେକ ଭାଷାନ୍ତର କେବଳ ତାର ଛାୟା ବୋଲି ଧରିବାକୁ ହେବ।

କବିତାର ସାଙ୍ଗୀତିକତା ଅନନୁବାଦ୍ୟ। ତେବେ କବିତାର ଯାହା କିଛି ଅନୁବାଦ୍ୟ ତାହା କେବଳ ଶବ୍ଦମାନଙ୍କର ବସ୍ତୁସୂଚକତା। ପଦ୍ୟରେ ପଦ୍ୟର ଉଭୟ ସାଙ୍ଗୀତିକତା ଓ ବସ୍ତୁସୂଚକତାକୁ ଭାଷାନ୍ତର କରିବା ପ୍ରାୟ ଅସମ୍ଭବ। କିନ୍ତୁ ଗଦ୍ୟରେ ପଦ୍ୟର ବସ୍ତୁସୂଚକତାକୁ ଅନୁବାଦ କରିବା ଅପେକ୍ଷାକୃତ ସହଜ। ହେଲେ, କବିତାକୁ ଗଦ୍ୟାକୃତିରେ ଭାଷାନ୍ତର କରିବାରେ କବିର କବି ପ୍ରତିଭା ଅନେକ ଅଂଶରେ ପାଠକର ଦୃଷ୍ଟିର ଅନ୍ତରାଳରେ ରହିଯାଏ। ଅନ୍ୟପକ୍ଷରେ କୌଣସି କବିତାର ଭାବ ଓ ବିଷୟବସ୍ତୁକୁ ପଦ୍ୟମାଧ୍ୟମରେ ଭାଷାନ୍ତରିତ କରି ପରିବେଷଣ କଲାବେଳେ ଅନୁବାଦକର ଅନୁବାଦ ମଧ୍ୟ ମୂଳ ରଚନାଠାରୁ ନୀଚ କିମ୍ବା ଉଚ୍ଚକୋଟୀର ହୋଇପାରେ; ତେଣୁ ମୂଳ କବିତାର ମାନ ମଧ୍ୟ ପାଠକ କଳନା କରିବାରୁ ବଞ୍ଚିତ ହୁଏ। ଏ ସବୁ ଦୃଷ୍ଟିରୁ ବିଚାର କଲେ ତୁକାରାମଙ୍କର କବିତାଗୁଡ଼ିକର ମାରାଠୀ ସହିତ ସାମଞ୍ଜସ୍ୟ ଥିବା ଅନ୍ୟ ଭାରତୀୟ ଆର୍ଯ୍ୟ ଭାଷା ମାନଙ୍କରେ ରସଗ୍ରହଣ ପାଇଁ କେବଳ ଶାବ୍ଦିକ ଅନୁବାଦ ଦେଇ ପାଠକ ଦୃଷ୍ଟିକୁ ଆଣିବା ଯଥେଷ୍ଟ ଉପାଦେୟ ମନେହୁଏ।

ଭାଷା ବିନା କବିର କବିତା ଓ କବି ବିନା ଭାଷାର ଉତ୍କର୍ଷତା ଅପରିସ୍ଫୁଟ; ତେଣୁ, ଭାଷା ଓ କବି ଉଭୟେ ଉଭୟଙ୍କର ସ୍ଥିତିର ଉପଜୀବୀ। ତୁକାରାମଙ୍କ ସମସାମୟିକ ସମାଜରେ ସାହିତ୍ୟ ସୃଷ୍ଟି ପାଇଁ ପ୍ରାକୃତ ମାରାଠୀ ଭାଷା ଅବହେଳିତ ତଥା ଅଗ୍ରାହ୍ୟ ବିବେଚିତ ହୋଇଥିଲେ ବି ତାହାହିଁ ଥିଲା ତାଙ୍କ କବିଚେତନା ଆଧାର। ତେଣୁ ତାଙ୍କର କବିତା ଲେଖିବାପାଇଁ ତାହା ଥିଲା ଅପରିହାର୍ଯ୍ୟ। ତୁକାରାମ ମାରାଠୀ ଲୋକଭାଷାକୁ ମହନୀୟ ଭକ୍ତିପୂର୍ଣ୍ଣ ରଚନାରେ ପଯୋଗ କରି ସେଥିରେ ତାହାର ଉତ୍କର୍ଷତା ଦର୍ଶାଇବରେ ଅଭୂତପୂର୍ବ ଉଦ୍ୟମ କରିଛନ୍ତି। ସମସାମୟିକ ସମାଜରେ ସଂସ୍କୃତକୁ ମୁଖ୍ୟ ସାହିତ୍ୟୋପଯୋଗୀ ଭାଷାରୂପେ ଗ୍ରହଣ କରାଯାଉଥିବା ବେଳେ ତୁକାରାମ ପ୍ରାକୃତ ମାରାଠୀରେ କାବ୍ୟସୃଷ୍ଟି କରି ଯେଉଁଭଳି ଭାବରେ ମାରାଠୀ ସାହିତ୍ୟକୁ ସମୃଦ୍ଧ କରିଛନ୍ତି ତାହା ଆଜିର ମାରାଠୀଭାଷୀମାନଙ୍କପାଇଁ ଅଭିମାନର ବିଷୟ। ତୁକାରାମଙ୍କର କବିତା ଓ ତହିଁରେ ଲୌକିକ ମାରାଠୀର ବ୍ୟବହାର ଯେ ସମଗ୍ର ମାରାଠୀଭାଷୀ ଅଞ୍ଚଳରେ ସାଂସ୍କୃତିକ ଐକ୍ୟ ଓ ସଂହତିକୁ ସୁଦୃଢ଼ କରିଥିଲା ଏଥିରେ ସନ୍ଦେହର ଅବକାଶ ନାହିଁ। ଏ ସମସ୍ତ ଅବଦାନ ପାଇଁ ସେ ସମସ୍ତ ମାରାଠୀଭାଷୀଙ୍କର ଚିର ନମସ୍ୟ ରହିବେ।

—☼—